

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୨୦୬ ଭୁବନେଶ୍ୱର ରବିବାର, ଅପ୍ରେଲ୍ ୧୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.206 Bhubaneswar, Sunday, April 13, 2025

# ଘୋଟି ଆସିଲା କଳା ଅନ୍ଧାର

## କାଳବୈଶାଖୀ ବର୍ଷାରେ ଭିଜିଲା ଭୁବନେଶ୍ୱର, ଘଡ଼ଘଡ଼ି ସହ ନିର୍ଧୁମ ବର୍ଷା



ଭୁବନେଶ୍ୱର, ୧୨/୪: ରାଜ୍ୟରେ ବଦଳିଲା ପାଗ, ତାତିରୁ ଆଶ୍ୱସ୍ତି ଆଣିଲା ବର୍ଷା। ଭୁବନେଶ୍ୱର ଆକାଶରେ କଳାହାଣ୍ଡିଆ ମେଘ । କଳାହାଣ୍ଡିଆ ମେଘ ସହ ରାଜଧାନୀରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ରାଜଧାନୀର କିଛି ସ୍ଥାନରେ କୁଆପଥର ବର୍ଷା ମଧ ଆରମ୍ଭ ହୋଇଛି। କଟକ ଓ ଭୁବନେଶ୍ୱରକୁ ବର୍ଷା ଆଲର୍ଟ । ବିଜୁଳି ଘଡ଼ଘଡ଼ି ସହ ଟ୍ୱିନ୍ ସିଟିକୁ ବର୍ଷା ଆଲର୍ଟ । ୪୦ରୁ ୫୦ କିମି ଯାଏଁ ପବନ ବହିବା ସମ୍ଭାବନା ରହିଛି। ଦିନକ ତଳେ ରାତିରେ ରାଜଧାନୀ ଭୁବନେଶ୍ୱର ସମେତ କିଛି ଜିଲ୍ଲାରେ ତୁହାକୁ ତୁହା ବର୍ଷା ହୋଇଥିଲା । ୩୦ରୁ ୪୦ କିମି ବେଗରେ ବହିଥିଲା ପବନ । ଏଥି ଯୋଗୁଁ ସହରରେ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା । କାଳବୈଶାଖୀ ପ୍ରଭାବରେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ତାପମାତ୍ରା ହ୍ରାସ ପାଇବା ନେଇ ଆକଳନ କରାଯାଉଛି ।ସେହପରି ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି ।ସ୍ୱାଭାବିକଠାରୁ ଅଧିକ ରହିବ ଦେଶର ଅନେକ ଅଞ୍ଚଳରେ ତାପମାତ୍ରା । ଚଳିତ ଗ୍ରୀଷ୍ମ ଋତୁ ପାଇଁ ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (IMD) । IMD ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଗ୍ରୀଷ୍ମର ଅତ୍ୟଧିକ ପ୍ରଭାବ କେନ୍ଦ୍ରୀୟ, ପୂର୍ବ ଏବଂ ଉତ୍ତର ପଶ୍ଚିମ ଭାଗରେ ରହିବ । ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ବହୁ ଅଧିକ ରହିବ। ଆଇଏମଡି ଡିଜି ଆହୁରି କହିଛନ୍ତି, ଏପ୍ରିଲରୁ ଜୁନ୍ ମଧ୍ୟରେ ସାଧାରଣତଃ ୪ରୁ ୭ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ତେବେ ଏଥର କିନ୍ତୁ ତାଠୁ ଅଧିକ ୨ କିମ୍ବା ୪ ଦିନ ରହିବ ଗ୍ରୀଷ୍ମ ପ୍ରବାହ । ବିଶେଷକରି ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଅଧିକ ରହିବ। ସେହିଭଳି କର୍ଣ୍ଣାଟକ ଓ ତାମିଲନାଡୁର ଉତ୍ତର ଭାଗରେ ମଧ ଅଧିକ ଗରମ ଅନୁଭୂତ ହେବ । ଏଥର ମୌସୁମୀରେ ଏଲ୍ ନିନୋ ସମ୍ଭାବନା ନାହିଁ ବୋଲି ଆଇଏମଡି ଡିଜି ସ୍ପଷ୍ଟ କରିଛନ୍ତି ।

# ପଞ୍ଚାୟତ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର,୧୨/୪: ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ତରଫରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପାଞ୍ଚଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନଥିବାରୁ ଉକ୍ତ ୱାର୍ଡଗୁଡ଼ିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସ କ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ କରିବେ। ସେହିଭଳି ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରକାଶିତ ହେବ। ଏପ୍ରିଲ ୩୦ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ତାରିଖ ମଧ୍ୟରେ ସମ୍ପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ।

## କାମ କରୁନି ୟୁପିଆଇ ଟଙ୍କା ନେଣଦେଣ ଠପ୍




ନୂଆଦିଲ୍ଲୀ ,୧୨/୪: କାମ କରୁନି ୟୁପିଆଇ। ଶନିବାର ସକାଳେ ଭାରତରେ ୟୁପିଆଇ କାମ କରୁଥିବା ଜଣାପଡିଛି । ଏହି ସମସ୍ୟା କାରଣରୁ ଲକ୍ଷ ଲକ୍ଷ ଲୋକେ ଅନ୍‌ଲାଇନ୍‌ରେ ଟଣା ନେଣଦେଣ କରି ପାରି ନାହାଁନ୍ତି । ପ୍ରାୟ ୩ ଘଣ୍ଟା ହେବ ୟୁପିଆଇ କାମ ନକରିବା ଫଳରେ ଫୋନ୍ ପେ, ଗୁଗଲ ପେ ଓ ପେଟିଏମ୍ ଭଳି ଲୋକପ୍ରିୟ ଆପ୍‌ରେ ଟଙ୍କା ନେଣଦେଣ ସମ୍ଭବ ହୋଇନାହିଁ । ଫଳରେ ବ୍ୟବହାରକାରୀ ହନ୍ତସନ୍ତ ହୋଇଛନ୍ତି । ଦିଲ୍ଲୀ, ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଏହି ସମସ୍ୟା ଦେଖାଦେଇଛି। ଏଥିପାଇଁ ଗ୍ରାହକ ଓ ବ୍ୟବସାୟୀ ଉଭୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମଧ୍ୟାହ୍ନ ସୁଦ୍ଧା, ୟୁପିଆଇ ସେବା ସମ୍ପର୍କରେ ପ୍ରାୟ ୧,୧୬୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୯୬ ଜଣ ବ୍ୟବହାରକାରୀ ଗୁଗଲ ପେ ଏବଂ ୨୩ ଜଣ ପେଟିଏମ୍‌ରେ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। ଏହି ପ୍ରସଙ୍ଗରେ ୟୁପିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇ ନାହିଁ, କିନ୍ତୁ ଗତ କିଛି ଦିନ ମଧ୍ୟରେ ଏହା ଅନେକ ଥର ଠପ୍ ହୋଇଛି। ପୂର୍ବରୁ, ମାର୍ଚ୍ଚ ୨୬ ତାରିଖରେ ମଧ, ୟୁପିଆଇ ସେବାଗୁଡ଼ିକ ସମସ୍ୟାର ସମ୍ମୁଖୀନ ସମ୍ମୁଖୀନ ହୋଇଥିଲା। ବିଭିନ୍ନ ୟୁପିଆଇ ଆପର ବ୍ୟବହାରକାରୀମାନେ ପ୍ରାୟ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ କାରବାର କରିପାରି ନ ଥିଲେ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ ) ଏହି ସମସ୍ୟା ପାଇଁ ବୈଷୟିକ ଅସୁବିଧାକୁ ଦାୟୀ କରିଥିଲା, ଯାହା ସାରା ଦେଶର ସାଧାରଣ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ଡିଜିଟାଲ୍ ପେମେଣ୍ଟ ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା।

## ଦାଦାର କଟାମୁଣ୍ଡ ଧରି ଥାନାରେ ହାଜର ପୁତୁରା

କେନ୍ଦୁଝର,୧୨/୪: କେନ୍ଦୁଝର ଜିଲ୍ଲା ସଦର ଥାନା ତଳକଇଁସାରି ଗାଁରେ ବୀଭତ୍ସ ହତ୍ୟାକାଣ୍ଡ। । ଦାଦାର କଟାମୁଣ୍ଡ ଧରି ଥାନାରେ ହାଜର ପୁତୁରା। ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ଘଟିଛି। କଟାମୁଣ୍ଡକୁ ନେଇ ଶୁଆକାଟି ଫାଣ୍ଡିରେ ପୁତୁରା ଆତ୍ମସମର୍ପଣ କରିଛି। ପାରିବାରିକ ବିବାଦ କାରଣରୁ ସମ୍ପର୍କୀୟ କକା ହରି ଦେହୁରୀକୁ ନୃଶଂସ ଭାବେ ହତ୍ୟା କରିଛି ପୁତୁରା କବି ଦେହୁରୀ । ଉଭୟ କକା ଓ ପୁତୁରାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଶତୃତା ଲାଗି ରହିଥିଲା। ଗତକାଲି ରାତିରେ କକା ହରି ଦେହୁରୀ ଦଣ୍ଡ ଯାତ୍ରା ଦେଖିବାକୁ ଯାଇଥିବା ବେଳେ, ପୁତୁରା କବି ଦେହୁରୀ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ହରିଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା ।

# ଗର୍ବ ଓ ଅହଂକାର କରନି: ନଡ୍ଡା



ପୁରୀ,୧୨/୩: ବିଧାୟକ, ମନ୍ତ୍ରୀ କି ସାଂସଦ ହେଇଛନ୍ତି ବୋଲି ଗର୍ବ କରନ୍ତୁ ନାହିଁ। ଗୁପିଜିମ୍ ଓ ଚାଟୁକାରିତା ଛାଡ଼ି ନିଜର ବ୍ୟକ୍ତିତ୍ୱର ବିକାଶ କରନ୍ତୁ। ଗାଁକୁ ଯାଆନ୍ତୁ ଅଙ୍ଗନବାଡ଼ିକୁ ଯାଇ ସେଠିକାର ଅବସ୍ଥା ଦେଖନ୍ତୁ। ଡାକ୍ତରଖାନାକୁ ରୋଗୀଙ୍କ କଥା ବୁଝନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ କରନ୍ତୁ। ଅଫିସରମାନଙ୍କ ସହ ଉତ୍ତମ ସଂପର୍କ ରଖି କାମ ଆଦାୟ କରିବାର ଶିଖନ୍ତୁ। ଆଜି ପୁରୀଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରି ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ବିଧାୟକ ଓ ସାଂସଦମାନଙ୍କୁ ଏଭଳି ଚଉଦଟି ଗୁରୁମନ୍ତ୍ର ଦେଇଛନ୍ତି। ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଉଦବୋଧନ ଦେଇ ଆହୁରି କହିଛନ୍ତି, ସଂଗଠନକୁ ସୁଦୃଢ କରିବା ଲାଗି କାମ କରନ୍ତୁ। ଗୁପିଜିମ୍ ଓ ଚାଟୁକାରିତା ଛାଡ଼ି ନିଜର ବ୍ୟକ୍ତିତ୍ୱର ବିକାଶ କରନ୍ତୁ। ଗାଁକୁ ଯାଆନ୍ତୁ ଅଙ୍ଗନବାଡ଼ିକୁ ଯାଇ ସେଠିକାର ଅବସ୍ଥା ଦେଖନ୍ତୁ। ଡାକ୍ତରଖାନାକୁ ରୋଗୀଙ୍କ କଥା ବୁଝନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ କରନ୍ତୁ। ଅଫିସରମାନଙ୍କ ସହ ଉତ୍ତମ ସଂପର୍କ ରଖି କାମ ଆଦାୟ କରିବାର ଶିଖନ୍ତୁ। ଆଜି ପୁରୀଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରି ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ବିଧାୟକ ଓ ସାଂସଦମାନଙ୍କୁ ଏଭଳି ଚଉଦଟି ଗୁରୁମନ୍ତ୍ର ଦେଇଛନ୍ତି। ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଉଦବୋଧନ ଦେଇ ଆହୁରି କହିଛନ୍ତି, ସଂଗଠନକୁ ସୁଦୃଢ କରିବା ଲାଗି କାମ କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଶିକ୍ଷଣ ଶିବିରକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ବିଧାୟକ ଉଦଘାଟନ କରିଥିବା ବେଳେ ମଞ୍ଚରେ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ। ଏଥିରେ ଓଡ଼ିଶା ବିଜେପିର ସମସ୍ତ ସାଂସଦ, ବିଧାୟକ ଓ ୩ ସହଯୋଗୀ ସ୍ୱାଧୀନ ବିଧାୟକ ଯୋଗ ଦେଇଛନ୍ତି।

ସତ୍ୟମେବ ଜୟତେ



ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

DADLS-11
OIPR - 15001/13/0502/2526

# ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବେଆଇନ ଖଣି କାରବାର

## ଅଭିଯୋଗ କରିବାରୁ ଖଣି ଅଧିକାରୀଙ୍କୁ ଘେରିଲେ

ବାଲେଶ୍ୱର,୧୨/୪: ଗତ ସୋମବାର (୭ ତାରିଖ) ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥର ସୋରରୁ ଖନ୍ତାପଡ଼ା ମଧ୍ୟରେ ଖଣି ବିଭାଗର ୩ ଜଣ ଅଧିକାରୀଙ୍କ ଗାଡ଼ି ଉପରକୁ ପଥରମାଡ଼, ଧମକଚମକ ଓ ଆକ୍ରମଣ କରିବା ଘଟଣାକୁ ନେଇ ଖନ୍ତାପଡ଼ା ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ଏହି ଘଟଣାରେ ଜବତ କରିଥିବା ଏକ ମୋବାଇଲରୁ ବେଆଇନ ଖଣି କାରବାର ନେଇ ଯେଉଁ ସନ୍ଦେହପୂର୍ଣ୍ଣ ହ୍ୱାଟ୍ସଆପ୍ ଗ୍ରୁପ୍ ପାଇଥିଲା, ତା'ଉପରେ ବାଲେଶ୍ୱର ସାଇବର ଥାନା ପୁଲିସ ତଦନ୍ତ କରିବ ବୋଲି ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣା ପରେ ଥାନାରେ ହୋଇଥିବା ଅଭିଯୋଗକୁ ନେଇ କୁରୁଡ଼ାସ୍ଥିତ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ କିଛି ଯୁବକ ପଶି ହୋ-ହଲ୍ଲା କରିଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବେଆଇନ କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ହ୍ୱାଟ୍ସଆପ୍‌ରେ ବେଆଇନ ଖଣି କାରବାରକୁ ନେଇ 'ସୋର' ନାମକ ଏକ ଗ୍ରୁପ୍ କରାଯାଇଥିବା ଖନ୍ତାପଡ଼ା ଥାନା ପୁଲିସ ଜାଣିବାକୁ ପାଇଥିଲା। ଖଣି ମାଫିଆମାନେ ସେହି ଗ୍ରୁପ୍‌ରେ ସୋର, ବାଗୁଡ଼ି, ସିମୁଳିଆ, ବାହାନଗା, ଖଇରା, ନୀଳଗିରି, ଖନ୍ତାପଡ଼ା, ରେମୁଣା ଅଞ୍ଚଳର ବେଆଇନ ଖଣି କାରବାର ସମ୍ପର୍କିତ ସମସ୍ତ ସୂଚନା ସଦସ୍ୟମାନେ ନିୟମିତ ଦେଉଥିବା ବେଳେ ପୁଲିସ ପାଟ୍ରୋଲିଂ, ପୁଲିସର କାର୍ଯ୍ୟ, ପ୍ରାଶାସନିକ ଅଧିକାରୀଙ୍କ ଗତିବିଧି, ଖଣି ଅଧିକାରୀଙ୍କ ବିଭିନ୍ନ ଅଞ୍ଚଳକୁ ଗସ୍ତ ସମ୍ପର୍କିତ ସୂଚନା ଦିଆଯାଉଥିଲା। ଉକ୍ତ ହ୍ୱାଟ୍ସଆପ୍ ଗ୍ରୁପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକମାନଙ୍କୁ ସାମିଲ କରାଯାଇଛି। ବେଆଇନ ଖଣିରୁ ଲଘୁଖଣିଜ ଉଠିବାଠାରୁ ବିଭିନ୍ନ ଗାଡ଼ିରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରାଯିବା ସହିତ ସମସ୍ତ ସୂଚନା ଦିଆଯାଉଛି। ତେବେ ୭ ତାରିଖ ରାତି ୯ଟା ୩୦ ମିନିଟ୍ ସମୟରେ ବାଲେଶ୍ୱର ଜିଲ୍ଲା ବିଭାଗରୁ ୩ ଜଣ କନିଷ୍ଠ ଅଧିକାରୀ ଖନ୍ତାପଡ଼ାଠାରେ ଏକ ପଥରବୋଝେଇ ଡମ୍ପରକୁ ଅଟକାଇଥିବା ବେଳେ ତାକୁ ସୁରକ୍ଷା ଦେବାକୁ ଆସିଥିବା ୧୦ଟି ବାଇକ୍ ଓ ଗୋଟିଏ କାରରେ ୨୫ରୁ ଅଧିକ ଯୁବକ ତାଙ୍କ ଚାରିପଟେ ଘେରିଯାଇଥିଲେ। ଏହାପରେ ଗୋଡ଼ାଇ ଗୋଡ଼ାଇ ଢେଲା ଫିଙ୍ଗିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ତେବେ ଜିଲ୍ଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ ଏ ସମ୍ପର୍କରେ ଖବର ପାଇ ଖନ୍ତାପଡ଼ା ଥାନା ପୁଲିସର ସହାୟତା ନେଇଥିଲେ। ପୁଲିସ ୩ ଖଣି ଅଧିକାରୀଙ୍କୁ ମାଫିଆଙ୍କ କବଳରୁ ଉଦ୍ଧାର କରିବା ସହ ମାଫିଆଙ୍କ ଗୋଷ୍ଠୀରୁ ୪ ଜଣଙ୍କୁ ଧରି ଥାନାକୁ ଆଣିଥିଲା। ସେଠାରେ ଖଣି ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଖନ୍ତାପଡ଼ା ଥାନା ପୁଲିସ ଅଟକ ରଖିଥିବା ଅଭିଯୁକ୍ତମାନଙ୍କୁ ନୋଟିସ୍ କରି ଛାଡ଼ିଦେଇଥିବା ବେଳେ ଜବତ କରିଥିବା ମୋବାଇଲ କିମ୍ବା ସେଥିରେ ହ୍ୱାଟ୍ସଆପ ଗ୍ରୁପ୍‌ରୁ ମିଳିଥିବା ଭିଡିଓ ଉପରେ ତଦନ୍ତ କେତେବାଟ ଆଗେଇଛି ଜଣାପଡ଼ିନାହିଁ। ଏ ନେଇ ଆଇଆଇସି ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସ୍‌ଡିପିଓ କିମ୍ବା ସାଇବର ଥାନା ଆଇଆଇସି କିଛି ସୂଚନା ଦେଇପାରୁନଥିବା ବେଳେ ଏସ୍‌ପି ରାଜପ୍ରସାଦ ବେଆଇନ ଖଣି କାରବାର ବିରୋଧରେ ପୁଲିସ ପ୍ରଶାସନ ସବୁବେଳେ କାର୍ଯ୍ୟାନୁଷ୍ଠାନ ଜାରି



ରଖିଛି ବୋଲି କହିଛନ୍ତି। ମିଳିଥିବା ଉକ୍ତ ଭିଡିଓ ଉପରେ ସାଇବର ପୁଲିସ ଦ୍ୱାରା ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସେହିପରି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ କହିଛନ୍ତି, ବେଆଇନ ଖଣି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତି ଏବଂ ସେମାନଙ୍କୁ ସହଯୋଗ କରୁଥିବା ଯେକୌଣସି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଜନୈତିକ ପଶାପାଲିରେ ପ୍ରକୃତ ସ୍ରଷ୍ଟା

## ଛେନାପୋଡ଼ ପାଇଁ ଟଣାଓଟରା



ଦଶପଲ୍ଲା,୧୨/୪: ଛେନାପୋଡ଼କୁ ଜିଆଇ ମାନ୍ୟତା ଦେବା ପାଇଁ ଦାବି ଉଠୁଛି। ହେଲେ ଓଡ଼ିଶାର ଏହି ପାରମ୍ପରିକ ମିଠାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଛେନାପୋଡ଼ ପ୍ରସ୍ତୁତିର ପ୍ରକୃତ ସୂତ୍ରଧର କିଏ, କେଉଁଠୁ ଏହା ଉଦ୍ଭାବନ ହୋଇଥିଲା, କ'ଣ ରହିଛି ଏହାର ଇତିହାସ.. ଏସବୁର ବାସ୍ତବତାକୁ ପରଖିବା ବଦଳରେ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ୍ ୧୧କୁ ଛେନାପୋଡ଼ ଦିବସ ଭାବେ ପାଳନ କରୁଛନ୍ତି। ଅନ୍ୟପକ୍ଷରେ ଆଉ ଏକ ଗୋଷ୍ଠୀ ଏହାର ତଥ୍ୟ ଓ ସତ୍ୟକୁ ଉପସ୍ଥାପନ କରିବା ସହ ଏହାର ସ୍ରଷ୍ଟା ବିଦ୍ୟାଧର ସାହୁ ବୋଲି ଦର୍ଶାଇ ତାଙ୍କର ତିରୋଧାନ ଦିବସ ଡିସେମ୍ବର ୩୧କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ ପାଇଁ ଦାବି ଉଠାଇଛନ୍ତି। ଏହାଦ୍ୱାରା କେବଳ ଦୁଇ ଗୋଷ୍ଠୀ ନୁହେଁ, ପରିବାର ମଧ୍ୟରେ ବିବାଦର ପାଚେରି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଗତ ଡିସେମ୍ବର ୩୧ ତାରିଖରେ ବିଦ୍ୟାଧର ସାହୁ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ସମେତ ଛେନାପୋଡ଼ର ଉତ୍ପତ୍ତିସ୍ଥଳ ନୟାଗଡ଼ ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଛି। ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସ୍ତରରେ ଦାବି ଉପସ୍ଥାପନ କରାଯାଇଛି। ଆଜି ଅର୍ଥାତ୍ ଏପ୍ରିଲ୍ ୧୧ ତାରିଖକୁ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଛେନାପୋଡ଼ ଦିବସ ଭାବେ ପାଳନ କରିଛନ୍ତି। ଯାହାକୁ ନେଇ ବ୍ଲକ୍‌ସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରତିବାଦ ଉଠିବା ସହ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଛେନାପୋଡ଼ର ପ୍ରକୃତ ସ୍ରଷ୍ଟା ବିଦ୍ୟାଧର ସାହୁ ହୋଇଥିବା ଦର୍ଶାଇ ଏହା ପଛର ତଥ୍ୟ ଓ ସତ୍ୟକୁ ଅନୁସନ୍ଧାନ କରିବା ପାଇଁ ଦାବି ଉଠିଛି। ମିଥ୍ୟା ତଥ୍ୟ ବଳରେ ରାଜନୈତିକ ଅଭିସନ୍ଧି ରଖି ଏପ୍ରିଲ୍ ୧୧କୁ ଛେନାପୋଡ଼ ଦିବସ ଭାବେ ଯେଉଁ କେତେକ ସ୍ଥାନରେ ପାଳନ କରାଯାଉଛି, ତଦ୍ୱାରା ଏହାର ପ୍ରକୃତ ସ୍ରଷ୍ଟାଙ୍କୁ ଆଢୁଆଳରେ ରଖିବାକୁ ଅପଚେଷ୍ଟା କରାଯାଉଥିବା ପ୍ରସଙ୍ଗ ମୁଣ୍ଡ ଟେକିଛି। ଛେନାପୋଡ଼କୁ ପ୍ରଥମେ ଦଶପଲ୍ଲା ଏନ୍‌ଏସି ଅଧୀନ ୧୪ ନମ୍ବର ୱାର୍ଡ ଜରିପାଟଣା ଗ୍ରାମର ବିଦ୍ୟାଧର ସାହୁ ପ୍ରସ୍ତୁତ କରିଥିଲେ। ବିଦ୍ୟାଧରଙ୍କ ଉତ୍ତରାଧିକାରୀ ତଥା ସାହିରେ ବସବାସ କରୁଥିବା ବରିଷ୍ଠ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ବିଦ୍ୟାଧର ଏଠାରେ ଏକ ଜଳଖିଆ ଦୋକାନ ଦେଇଥିଲେ। ଦୋକାନକୁ କ୍ଷୀର ଓ ଛେନା ଆସୁଥିବା ବେଳେ ଦିନେ ଛେନା ବଳି ଯାଇଥିଲା। ବିଦ୍ୟାଧରଙ୍କ ଧର୍ମପତ୍ନୀ ଜେମାମଣି ସେହି ଛେନାରେ ଚିନି ଗୋଳାଇ ଏକ ପାତ୍ରରେ ରଖି ଚୁଲି ନିଆଁରେ ଘୋଡ଼ାଇ ଦେଇଥିଲେ। ପରଦିନ ସକାଳୁ ଏହାକୁ ନିଆଁରୁ କାଢ଼ି ଖାଇବା ପରେ ତାହା ଖୁବ୍ ସୁସ୍ୱାଦୁ ଲାଗିଥିଲା। ଧୀରେ ଧୀରେ ଏଭଳି ଛେନା ଓ ଚିନିକୁ ମିଶାଇ ବିଦ୍ୟାଧର ଛେନାପୋଡ଼ ପ୍ରସ୍ତୁତ କରିବାକୁ ଲାଗିଲେ। ଜଳଖିଆ ଖାଇବାକୁ ଆସୁଥିବା ଗ୍ରାହକ ମଧ୍ୟ ଏହାକୁ ବେଶ୍ ପସନ୍ଦ କଲେ। କ୍ରମଶଃ ଦଶପଲ୍ଲାରେ ଏହି ମିଠାର ଆଦୃତି ବଢ଼ିଥିଲା। ବିଦ୍ୟାଧରଙ୍କ ୩ ପୁଅ ଗୌରଚନ୍ଦ୍ର, ସୁଦର୍ଶନ ଓ ଭଗବାନ। ଦିନେ ଦିନେ ଯାହା ପୋଡ଼ ବଳକା ହୁଏ ତାକୁ ଧରି ସୁଦର୍ଶନ ନୟାଗଡ଼କୁ ବ୍ୟବସାୟ କରିବା ପାଇଁ ଚାଲି ଯାଆନ୍ତି। କାଳକ୍ରମେ ଦୁଇପୁଅ ସୁଦର୍ଶନ ଓ ଭଗବାନ ନୟାଗଡ଼ ଚାଲି ଯାଇଥିଲେ। ନୟାଗଡ଼ କଚେରି ଛକରେ ସୁଦର୍ଶନ ନିଜର ବ୍ୟବସାୟ ଆରମ୍ଭ କରିବା ସହ ଛେନାପୋଡ଼ ତିଆରି କରୁଥିଲେ। ବାପା ବିଦ୍ୟାଧର ଏହାର ଉଦ୍ଭାବନ କରିଥିବା ବେଳେ ପରବର୍ତ୍ତୀ ସମୟରେ ସୁଦର୍ଶନ ନୟାଗଡ଼ରେ ଛେନାପୋଡ଼ର ବହୁଳ ପ୍ରସାର କରିଥିଲେ। ଯାହାକୁ ନେଇ ସୁଦର୍ଶନ ପୂର୍ବରୁ ନିଜ ପ୍ରତିକ୍ରିୟା ଓ ସାକ୍ଷାତକାରରେ କହିଥିବା ବିଭିନ୍ନ ପୁସ୍ତକରେ ଉଲ୍ଲେଖ ରହିଛି। ହେଲେ ଆଜି ସୁଦର୍ଶନଙ୍କ ଜନ୍ମଦିନ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି, ଯାହା ସମ୍ପୂର୍ଣ୍ଣ ନିରାଧାର ଓ କପୋଳକଳ୍ପିତ ବୋଲି ବିଦ୍ୟାଧର ସାହୁ ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ପ୍ରକୃତ ସତ୍ୟକୁ ଅନୁସନ୍ଧାନ କରି ଡିସେମ୍ବର ୩୧ ତାରିଖକୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବା ପାଇଁ ଦାବି ଉଠିଛି। ଆଜି ଏହି ଦିବସକୁ ବିରୋଧ କରି ଦଶପଲ୍ଲାରେ ଚାରିଟେବୁଲ ଟ୍ରଷ୍ଟ ସମେତ ମହାବୀର ବଣିକ ମହାସଂଘ, ପ୍ରେସ୍ କ୍ଲବ୍ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି।

# ପ୍ରତ୍ୟେକ ଓଡିଆଙ୍କୁ ମିଳୁ ଆୟୁଷ୍ମାନ ଭାରତ ଯୋଜନା: ବିଜେଡି



ଭୁବନେଶ୍ୱର,୧୨/୪: ରଥଯାତ୍ରା ପୂର୍ବରୁ ସାଢେ ୪ କୋଟି ଓଡିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରିବା ପାଇଁ ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର। ଡ଼ ସାମନ୍ତସିଂହାର ଆହୁରି ମଧ କହିଛନ୍ତି ଯେ, ୧୦ ମାସ ଧରି ଚେଷ୍ଟା କରି ମଧ ବିଏସ୍‌କେୱାଇ ଯୋଜନାରେ କୌଣସି ପରିବର୍ତ୍ତନ କରିପାରିଲେ ନାହିଁ ରାଜ୍ୟ ବିଜେପି ସରକାର। ସାରା ଦେଶରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶ୍ରେଷ୍ଠ ଥିଲା ବୋଲି ଆଜି ପୁଣି ଥରେ ସ୍ୱୀକାର କରିଛନ୍ତି ରାଜ୍ୟ ସରକାର। କେବଳ କାର୍ଡ ର ନାଁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇପାରିଛନ୍ତି କିନ୍ତୁ ବିଏସ୍‌କେୱାଇ ଯୋଜନାରେ କିଛି ବି ଯୋଡି ପାରିନାହାନ୍ତି। ବିଏସ୍‌କେୱାଇରେ ୩ କୋଟି ୫୬ ଲକ୍ଷ ହିତାଧିକାରୀ ଉପକୃତ ହୋଇଥିଲା ବେଳେ ଆୟୁଷ୍ମାନ ଭାରତରେ ମାତ୍ର ୩ କୋଟି ୫୧ ଲକ୍ଷ ହିତାଧିକାରୀ ସାମିଲ ହେବା ଦୁର୍ଭାଗ୍ୟଜନକ। କେଉଁ ଆଧାରରେ ଓ କେଉଁ ହିତାଧିକାରୀମାନଙ୍କୁ ଯୋଜନାରୁ ବଞ୍ଚିତ କରାଗଲା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ଆୟୁଷ୍ମାନ ଭାରତ ଯୋଜନା ବାବଦରେ ବିଜେପି ଡିଣ୍ଡିମ ପିଟୁଥିଲା ବେଳେ ସିଏଜି ତାଙ୍କ ରିପୋର୍ଟରେ ଏଥିରେ ବ୍ୟାପକ ଆର୍ଥିକ ଅନିୟମିତତା, ଦୁର୍ନୀତି ଓ ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା ଥିବା ଉଲ୍ଲେଖ କରିଛନ୍ତି। ୨୦୧୩-୧୪ରେ ଓଡିଶାରେ ବିଜୁ କୃଷକ କଲ୍ୟାଣ ଯୋଜନା 'ନାଁ'ରେ ଦେଶର ପ୍ରଥମ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦାହରଣ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଅଗଷ୍ଟ ମାସରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଆସ୍ୟୁରାନ୍ସ ମୋଡ୍‌ରେ ଓଡିଶାରେ ଲାଗୁ କରିଥିଲେ। କେବଳ ନାଁ ପରିବର୍ତ୍ତନ କରି ଆଜି ରାଜ୍ୟରେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଯୋଜନା, ବିଏସ୍‌କେୱାଇର ଅବିକଳ ନକଲ। ସମଗ୍ର ଦେଶରେ ସ୍ୱାସ୍ଥ୍ୟସେବା ଲାଗି ଲୋକଙ୍କ ପକେଟରୁ ଖର୍ଚ୍ଚ କମାଇବାରେ ବିଏସ୍‌କେୱାଇ ଯୋଜନା ପ୍ରଣୟନ କରି ଓଡିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲା। ଉତ୍ତରପ୍ରଦେଶ ୧୩ ପ୍ରତିଶତ, ମହାରାଷ୍ଟ୍ର ୨୦ ପ୍ରତିଶତ ଖର୍ଚ୍ଚ କମାଇପାରିଥିଲା ବେଳେ ଓଡିଶା ୩୭ ପ୍ରତିଶତ ଖର୍ଚ୍ଚ କମାଇବାରେ ସକ୍ଷମ ହୋଇଥିଲା। ସମସ୍ତଙ୍କୁ ବିଏସ୍‌କେୱାଇରେ ସାମିଲ କରିବା ପାଇଁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯୋଜନା କରିଥିଲେ। ରାଜ୍ୟର ବିଜେପି ସରକାର ଆଗାମୀ ରଥଯାତ୍ରା ପୂର୍ବରୁ ପ୍ରତ୍ୟେକ ଓଡିଆଙ୍କୁ ଏହି ଯୋଜନାରେ ସାମିଲ କରିବା ସହ ପୁରୁଷଙ୍କୁ ୧୦ ଲକ୍ଷ ଓ ମହିଳାଙ୍କୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ସୁବିଧା ଯୋଗାଇ ଦେଲେ ଡବଲ ଇଂଜିନ ସରକାର ପ୍ରକୃତରେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ କାମ କରୁଥିବା ଜଣାପଡିବ ବୋଲି ଡ଼ ସାମନ୍ତସିଂହାର କହିଛନ୍ତି।

# ଲକ୍ଷାଧିକ କଇଁଛ ଛୁଆ ସମୁଦ୍ରମୁହାଁ: ଗଞ୍ଜାମ ଉପକୂଳରେ ଅଲିଭ୍ ରିଡ୍‌ଲେ ଅଣ୍ଡା ଫୁଟିଲା

ବ୍ରହ୍ମପୁର,୧୨/୪: ବିଶ୍ୱର ସର୍ବବୃହତ ଅଲିଭ୍ ରିଡ୍‌ଲେ ଗଣଅଣ୍ଡାଦାନସ୍ଥଳୀ ମାନ୍ୟତା ପାଇଥିବା ଗଞ୍ଜାମ ଉପକୂଳରେ କଇଁଛ ଅଣ୍ଡା ଫୁଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲକ୍ଷାଧିକ ସଂଖ୍ୟାରେ କଇଁଛଛୁଆ ସମୁଦ୍ରମୁହାଁ ହୋଇଛନ୍ତି। କୁନିକୁନି କଇଁଛ ଛୁଆ ବେଳାଭୂମିରୁ ବାହାରି ସମୁଦ୍ର ଆଡ଼କୁ ଯାଉଥିବା ଦୃଶ୍ୟ ବେଶ ନିଆରା ଲାଗୁଛି। ଏହି ପ୍ରକ୍ରିୟା ୪ରୁ ୫ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଖଲ୍ଲିକୋଟ ଏଏସିଏଫ୍ ଦିବ୍ୟଶଙ୍କର ବେହେରା ସୂଚନା ଦେଇଛନ୍ତି। ଏଥିପାଇଁ ରଷିକୁଲ୍ୟା ମୁହାଣର ଉଭୟ ପଟେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରଷିକୁଲ୍ୟା ମୁହାଣ ସଂଲଗ୍ନ ବାଲୁକା ଶଯ୍ୟାରେ ଚଳିତ ବର୍ଷ ଦୁଇଟି ପର୍ଯ୍ୟାୟରେ ଗଣଅଣ୍ଡାଦାନ ହୋଇଥିଲା। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ପ୍ରାୟ ୯ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ କରିଥିଲେ। ଫେବ୍ରୁଆରି ୧୬ରୁ ୨୩ତାରିଖ ପର୍ଯ୍ୟନ୍ତ ହୋଇଥିବା ପ୍ରଥମ ପର୍ଯ୍ୟାୟ ଗଣଅଣ୍ଡାଦାନରେ ପ୍ରାୟ ୬ଲକ୍ଷ ୯୮ହଜାର କଇଁଛ ଅଣ୍ଡାଦାନ କରିଥିଲେ। ଏହାର ପ୍ରାୟ ୧ମାସ ପରେ ମାର୍ଚ୍ଚ ୨୨ରୁ ୨୭ତାରିଖ ପର୍ଯ୍ୟନ୍ତ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଗଣଅଣ୍ଡାଦାନରେ ୨ଲକ୍ଷ ୫ହଜାର କଇଁଛ ସାମିଲ ହୋଇଥିଲେ। ପୂର୍ବରୁ ଏତେ ସଂଖ୍ୟକ କଇଁଛ କେବେ ବି ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇ ନଥିଲେ ବୋଲି ରଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସାହୁ କହିଛନ୍ତି। କଇଁଛଙ୍କ ଅଣ୍ଡାଦାନ ପାଇଁ ଚଳିତ ବର୍ଷ ପାଗ ଅନୁକୂଳ ରହିଥିଲା। ଏଣୁ ଗଣଅଣ୍ଡାଦାନ କ୍ଷେତ୍ରରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ଶ୍ରୀ ସାହୁ କହିଛନ୍ତି। ତେବେ ଅଣ୍ଡା ଫୁଟି ଛୁଆ ବାହାରିବା ପାଇଁ ପ୍ରାୟ ୪୫ଦିନ ସମୟ ଲାଗିଥାଏ। ଗତ କିଛିଦିନ ତଳେ ହୋଇଥିବା କାଳ ବୈଶାଖୀ ବର୍ଷା ଯୋଗୁ ପାଗ ଥଣ୍ଡା ପଡ଼ି ବାଲିର ଉଷ୍ମତା ହ୍ରାସ ପାଇଥିଲା। ଏଣୁ ଅଣ୍ଡା ଫୁଟିବା ପ୍ରକ୍ରିୟା କିଛିଟା ବିଳମ୍ବରେ ହୋଇଥିବା ଦେଖିବାକୁ ମିଳିଛି। କଇଁଛ ଛୁଆଙ୍କ ସୁରକ୍ଷା ପାଇଁ ପ୍ରାୟ ୬ କିମି. ପର୍ଯ୍ୟନ୍ତ ତାର ବାଡ଼ ଦିଆଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ମଶାରି ଜାଲି ମଧ ଲଗା ଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ନେତୃତ୍ୱରେ ରଷିକୁଲ୍ୟା ମୁହାଣର ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ଅଞ୍ଚଳକୁ ନୋ-ଫିସିଂ ଜୋନ୍ କରାଯାଇ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏହା ସହିତ ସେହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ସେହିପରି କଇଁଛଛୁଆମାନଙ୍କୁ କୁକୁର ଓ ବିଲୁଆ ଠାରୁ ସୁରକ୍ଷା ଦେବା ପାଇଁ ସେଠାରେ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

# ଶିଶୁଭବନର ୭ ମହଲା କୋଠା ଲୋକାର୍ପିତ

## ଖର୍ଚ୍ଚ ୧୫୨.୯ କୋଟି; ଶଯ୍ୟା ସଂଖ୍ୟା ୪୨୨ରୁ ୮୪୬କୁ ବୃଦ୍ଧି

କଟକ,୧୨/୪: ଶିଶୁଭବନରେ ସାତ ମହଲା କୋଠା ଦୀର୍ଘ ୯ ବର୍ଷ ପରେ ଉଦ୍‌ଘାଟିତ ହୋଇଛି। ୨୦୧୬ ଫେବ୍ରୁଆରି ୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ଆଜି ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହାର ଲୋକାର୍ପଣ ପରେ ଶିଶୁଭବନରେ ମୋଟ ଶଯ୍ୟା ସଂଖ୍ୟା ୪୨୨ରୁ ୮୪୬କୁ ବୃଦ୍ଧି ପାଇଛି। ଏହି ନୂଆ କୋଠା ପାଇଁ ୧୫୨.୯ କୋଟି ଟଙ୍କା ବ୍ୟୟ ହୋଇଛି। ନୂଆ କୋଠାରେ ୧୪୦ଟି ଆଇସିୟୁ ଶଯ୍ୟା, ୨୨୭ଟି ନବଜାତ କେୟାର ଶଯ୍ୟା, ଏସ୍‌ଏନ୍‌ସିୟୁ ପାଇଁ ୪୮ଟି, ଶିଶୁରୋଗ ମେଡିସିନ୍ ପାଇଁ ୨୫୯ଟି, ଶିଶୁରୋଗ (ନେଫ୍ରୋଲୋଜି) ପାଇଁ ୩୦ଟି, ସଂକ୍ରାମକ ରୋଗ ପାଇଁ ୨୬ଟି, ଶିଶୁରୋଗ ସର୍ଜରି ପାଇଁ ୬୦ଟି, ଏନ୍‌ଆରସି ପାଇଁ ୧୦ଟି ଏବଂ କାଜୁଆଲିଟିରେ ଜରୁରୀ ସେବା ପାଇଁ ୪୬ଟି ଶଯ୍ୟାକୁ ଶ୍ରୀ ନଡ୍ଡା ଉଦଘାଟନ କରିଛନ୍ତି। ଶିଶୁଭବନ ନୂଆ କୋଠାରେ ମାଗଣା ଔଷଧ ବଣ୍ଟନ ପାଇଁ ୪ଟି ଔଷଧ ବିତରଣ କେନ୍ଦ୍ର (ଡିଡିସି) ଏବଂ ୧୮୦ ଜଣ ଆବାସିକ ଡାକ୍ତରଙ୍କ ରହଣି ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯାଇଛି। ଶିଶୁଭବନରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ନଡ୍ଡା ଭୁବନେଶ୍ୱରରେ ମାଇକ୍ରୋବାୟୋଲୋଜିକାଲ୍ ଲାବୋରେଟୋରିର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି। ୪.୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଲାବୋରେଟୋରିରେ ଏଫ୍‌ଏସ୍‌ଏସ୍‌ଏଆଇ ମାନକ ଅନୁଯାୟୀ ଖାଦ୍ୟ ଏବଂ ପାଣି ନମୁନାଗୁଡ଼ିକର ମାଇକ୍ରୋବାୟୋଲୋଜିକାଲ୍ ପରୀକ୍ଷା କରାଯିବ। ଏହି କେନ୍ଦ୍ର ଭୁବନେଶ୍ୱର ଓଏସ୍‌ଏମ୍‌ସିଏଲ୍ କ୍ୟାମ୍ପସ୍ ?ରେ ଥିବା ରାଜ୍ୟ ଖାଦ୍ୟ ପରୀକ୍ଷଣ ଲାବୋରେଟୋରିରେ ପ୍ରତିଷ୍ଠା କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍, କଟକ ସଦର ବିଧାୟକ ପ୍ରକାଶ ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ଏସ, ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡାକ୍ତର ବ୍ରଜକିଶୋର ଦାସ, ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର, ଭାରପ୍ରାପ୍ତ ପ୍ରଶାସନିକ ଅଧିକାରୀ (ଏଓ) ଜ୍ୟୋତ୍ସ୍ନା ନାୟକ, ଉପ ଅଧୀକ୍ଷକ ଡାକ୍ତର ବବଲିନା ମହାନ୍ତି, କଟକ ବଡ଼ ଡାକ୍ତରଖାନାର ଡିନ୍ ତଥା ପ୍ରିନସିପାଲ୍ ପ୍ରଫେସର ଡାକ୍ତର ଲୁସି ଦାସ, ପ୍ରଫେସର ଡାକ୍ତର ସୁନିଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟି ହାଣ୍ଡିର କମୁଛି ଚାହିଦା: ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି





ରାଇରଙ୍ଗପୁର,୧୨/୪: ଗ୍ରୀଷ୍ମଋତୁରେ ମାଟିହାଣ୍ଡିର ଥଣ୍ଡା ପାଣି ସମସ୍ତଙ୍କ ଶୋଷ ମେଣ୍ଟାଇଥାଏ। ପ୍ରାଚୀନ କାଳରୁ ଲୋକେ ମାଟିହାଣ୍ଡିର ଜଳ ବ୍ୟବହାର କରୁଥିଲେ। ଏବେ କିନ୍ତୁ କିଛି ସ୍ଥାନରେ ଥିବା ଜଳଛତ୍ର ଗୁଡିକରେ ମାଟି ହାଣ୍ଡିର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ପୂର୍ବରୁ ପୂଜାପର୍ବାଣୀରେ ମାଟିରେ ନିର୍ମିତ ବିଭିନ୍ନ ପ୍ରକାର ପତ୍ର ଖୋଜା ପଡ଼ିଥାଏ। ହେଲେ ଧୀରେଧୀରେ ମାଟି ପାତ୍ରର ଚାହିଦା କମିବାରେ ଲାଗିଛି। ଏବେ ଗ୍ରୀଷ୍ମ ଋତୁ ଥିବାରୁ ଅଧିକାଂଶ ଲୋକଙ୍କ ଘରେ ମାଟିହାଣ୍ଡିରେ ପାଣି ବ୍ୟବହାର କରିଥାନ୍ତି, ଏହି ସମୟରେ ବିକ୍ରି କରି କିଛି ଭଲ ରୋଜଗାର ପାଇଁ ଆଶା ବାନ୍ଧିଥାଆନ୍ତି କୁମ୍ଭକାର ପରିବାର। ହେଲେ ବର୍ତ୍ତମାନ୍ ରାଇରଙ୍ଗପୁର ବଜାରରେ ମାଟି ପାତ୍ର ବଦଳରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମିଳୁଥିବାରୁ ବ୍ୟବସାୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କୁମ୍ଭକାର ପରିବାର। ଗ୍ରୀଷ୍ମଋତୁରେ ମାଟି ହାଣ୍ଡିର ଚାହିଦା ବେଶ୍ ବଢ଼ିଯାଏ। ମାଟି ହାଣ୍ଡିର ପାଣି ପିଇଲେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ। ଯାହା ଫଳରେ ଅନ୍ୟ ଋତୁ ଅପେକ୍ଷା। କିନ୍ତୁ ପରିବର୍ତ୍ତିତ ଆଧୁନିକ ଚଳଣୀରେ ମାଟି ପାତ୍ର ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଲୋକେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଧୀରେଧୀରେ ମାଟି ପାତ୍ରକୁ ଅଣଦେଖା କରୁଛନ୍ତି। ମାଟି ପାତ୍ର ସ୍ଥାନ ନେଲାଣି ଅତ୍ୟାଧୁନିକ ବିଭିନ୍ନ ପ୍ରକାର ଷ୍ଟିଲ, ଆଲୁମିନିୟମ,ଫାଇବର ଓ କାଚ ପ୍ରଭୃତିରେ ନିର୍ମିତ ଫିଲର୍ଟ, ଆକୁଆ ଗାର୍ଡ,ଫ୍ରିଜ୍ ସମେତ ବିଭିନ୍ନ ପ୍ରକାର ବୈଦ୍ୟୁତିକ ସାମଗ୍ରୀ। ଅତ୍ୟାଧୁନିକ ବୈଦ୍ୟୁତିକ ସାମଗ୍ରୀରେ ଖୁବଶିଘ୍ର ସମେତ ଜିନିଷ ପ୍ରସ୍ତୁତ ହୋଇଥାଏ ଏବଂ ଦେଖିବାକୁ ମଧ ଭଲ ଥିବାରୁ ବର୍ତ୍ତମାନ୍ ଟଙ୍କାକୁ ନଦେଖି ଗରିବ ଠାରୁ ଧନୀ ଶ୍ରେଣୀର ପରିବାରରେ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର ବଢ଼ିବାରେ ଲାଗିଛି । ଏହା ଛଡା ଦ୍ୱିପାବଳି ସମୟରେ ମଧ ରାଜ୍ୟ ବାହାରୁ ଆସୁଥିବା ରଙ୍ଗବେରଙ୍ଗର ଦୀପର ବିକ୍ରି ବୃଦ୍ଧି ପାଇଥାଏ। ମାଟି ଦୀପ ଜାଳିବା ପରମ୍ପରା ମଧ ହଜିବାକୁ ବସିଲାଣି। ଏପରିକି ପୂର୍ବରୁ ମାଟିରେ ତିଆରି ଖପର ଘରେ ଲୋକେ ରହୁଥିଲେ। କିନ୍ତୁ ବର୍ତ୍ତମାନ ଖପର ଘର ମଧ ବହୁତ୍ କମ୍ ଦେଖିବାକୁ ମିଳୁଛି। ଚାରିପଟେ ପକ୍କା ଘର ଦେଖିବାକୁ ମିଳୁଛି। ଫଳରେ ବହୁ କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ଛାଡ଼ିବାକୁ ବସିଲେଣି।

# ଚିଲିକାରେ ଚାଲିବ ସୌରଶକ୍ତିଚାଳିତ ଡଙ୍ଗା



ଭୁବନେଶ୍ୱର,୧୨/୪: ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଛି। କର୍ମଚାରୀଙ୍କୁ ଅବସର ଦିନ ଅବସରକାଳୀନ ପେନସନ ପ୍ରଦାନ, ଆରଏସିପି ବା ଏମ୍‌ଏସିପି ଅଦାଲତରେ ଦାଖଲ ହୋଇଥିବା ୪୩୨ଟି ଆବେଦନର ସମାଧାନ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସିଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଓ ଜନଶୁଣାଣି ପୋର୍ଟାଲର ମାମଲାଗୁଡ଼ିକର ସମାଧାନ ଦିଗରେ ଧ୍ୟାନ ଦେବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ୪୫ଜଣ ସହକାରୀ ବନସଂରକ୍ଷକ, ୧୩୧ ରେଞ୍ଜ ଅଧିକାରୀ ପଦବି ପୂରଣ ପାଇଁ ପରୀକ୍ଷା କରିବାକୁ ଓଡ଼ିଶା ଲୋକସେବା ଆୟୋଗ ଓ ୧,୬୭୭ଟି ବନରକ୍ଷୀ ପଦବି ପୂରଣ ପାଇଁ ପରୀକ୍ଷା କରିବାକୁ ଓଡ଼ିଶା ଅଧସ୍ତନ ଷ୍ଟାଫ ସିଲେକ୍ସନ କମିସନଙ୍କୁ ପତ୍ର ଲେଖାଯାଇଛି। ଦୁଇଟି ସହକାରୀ ବନସଂରକ୍ଷକ, ୧୩୦ଜଣ ରେଞ୍ଜ ଅଧିକାରୀ, ୧୬୦ଟି କନିଷ୍ଠ ସହାୟକ ଓ ୮୯୦ ବନରକ୍ଷୀ ପଦବି ପୂରଣ ଦିଗରେ ପଦକ୍ଷେପ ନିଆଯାଉଛି। ଓଡ଼ିଶା ବନ ଉନ୍ନୟନ ନିଗମ ଉଦ୍ୟମରେ ମୂଲ୍ୟବାନ ରକ୍ତଚନ୍ଦନ କାଠକୁ ବିଶ୍ୱସ୍ତରୀୟ ଟେଣ୍ଡର ଆହ୍ୱାନ କରାଯାଇ ବିକ୍ରୟ କରାଯିବ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଚିଲିକାରେ ପର୍ଯ୍ୟଟକଙ୍କ ପାଇଁ ଦୁଇଟି ବୃହତ ଡଙ୍ଗା ଓ ସୌରଶକ୍ତିଚାଳିତ ଡଙ୍ଗା ପ୍ରଚଳିତ ହେବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଦ୍ୟମରେ ଅଧିକରୁ ଅଧିକ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟରେ ଆବଣ୍ଟିତ ହୋଇଥିବା ପାଣ୍ଠିର ସମୟାନୁବର୍ତ୍ତୀ ବ୍ୟବହାର ଉପରେ ମଧ ଗୁରୁତ୍ୱାରୋପ କରାଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ପିସିସିଏଫ୍ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପିସିସିଏଫ୍(ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପିସିସିଏଫ୍ ମିତା ବିଶ୍ୱାଳ, ପିସିସିଏଫ୍(କେନ୍ଦୁପତ୍ର) ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ଅତିରିକ୍ତ ସଚିବ ଦେବେନ୍ ପ୍ରଧାନ, ଯୁଗ୍ମ ସଚିବ ଧରମ ହାଂସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ଯୁଗ୍ମ ସଚିବ ଦୀନକୃଷ୍ଣ କର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ରେଲୱେ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗ





## ଏବିଇଓ ଓ ସିଆରସିସିଙ୍କୁ ଘେରିଲେ ଅଭିଭାବକ

ଚନ୍ଦ୍ରଶେଖରପୁର, ୧୨/୪: ରେଲୱେ କଲୋନି ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୩୦ ପିଲାଙ୍କ ପାଠପଢ଼ା ବନ୍ଦ। କ୍ଲାସ୍‌ରୁମ୍‌ରେ ତାଲା ପକାଇ ପିଲାଙ୍କୁ ବାହାରେ ବସାଇବା ଘଟଣାକୁ ନେଇ ଅଭିଭାବକଙ୍କ ଅସନ୍ତୋଷ ପରେ ଆଜି ସକାଳୁ କ୍ଲାସ୍‌ରୁମ୍ ଖୋଲିଛି। ସକାଳ ୭ଟା ବେଳକୁ ପିଲାମାନେ ବିଦ୍ୟାଳୟରେ ପହଞ୍ଚିବା କ୍ଷଣି କ୍ଲାସ୍‌ରୁମ୍ ଖୋଲାଯାଇ ସେମାନଙ୍କୁ ବସିବାକୁ ସୁଯୋଗ ଦିଆଯାଇଥିଲା। ମାତ୍ର ପଢ଼ାଇବାକୁ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଆସି ନ ଥିଲେ। ପିଲାମାନେ ନିଜେ ନିଜେ ପଢ଼ିଥିଲେ। ଗତକାଲି ପରି ଆଜି ମଧ୍ୟ ବହୁ ଅଭିଭାବକ ସ୍କୁଲ ବାହାରେ ଅପେକ୍ଷା କରି ରହିଥିଲେ। ଏହି ସମୟରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ(ଏବିଇଓ) ଓ ସିଆରସିସି ବିଦ୍ୟାଳୟ ଭିତ୍ତିଭୂମି ଯାଞ୍ଚ କରିବାକୁ ପହଞ୍ଚିଥିଲେ। ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ସହ କ୍ଲାସ୍‌ରୁମ୍ ବୁଲି ଦେଖିଥିଲେ। ୩୦ ମିନିଟ୍ ପରେ କ୍ୟାମ୍ପସ୍‌ରୁ ବାହାରିବା ସମୟରେ ବାହାରେ ଉପସ୍ଥିତ ଥିବା ଅଭିଭାବକମାନେ ସେମାନଙ୍କୁ ଅଟକାଇବା ସହ ବିଦ୍ୟାଳୟ ବନ୍ଦ ନ କରିବାକୁ ଅନୁରୋଧ କରିଥିଲେ। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ଉପାଧ୍ୟକ୍ଷ ପ୍ରସନ୍ନ ବିଶୋଇ ମଧ୍ୟ ଅଭିଭାବକଙ୍କ ସହ ମିଶି ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏଥିସହ କ୍ଲାସ୍‌ରୁମ୍‌ରେ ବସିଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବାହ୍ନରେ ଅଭିଭାବକଙ୍କ ଏକ ପ୍ରତିନିଧି ଦଳ ଆଜି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସାକ୍ଷାତ କରି ସ୍କୁଲ ବନ୍ଦ ନ କରିବାକୁ ଅନୁରୋଧ କରିଛନ୍ତି। ଅଭିଭାବକ କହିଥିଲେ ଯେ ସ୍କୁଲ ବନ୍ଦ ହେବା ଦ୍ୱାରା ୨ରୁ ୩ କିମି ଦୂରରୁ ଆସୁଥିବା ଆମ ପିଲାମାନେ ହଇରାଣ ହେବେ। ଏହି ବିଦ୍ୟାଳୟଠାରୁ ୩ କିମି ଦୂରରୁ ପିଲାମାନେ ଆସୁଛନ୍ତି। ତାହାକୁ ବନ୍ଦ କରାଗଲେ ଆମକୁ ଆହୁରି ଅନେକ ବାଟ ଯିବାକୁ ପଡ଼ିବ। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖିରେ ରଖି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଉ। ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଘଟଣାରେ ହସ୍ତକ୍ଷେପ କରନ୍ତୁ। ୧୩୦ ପିଲାଙ୍କ ପାଠରେ ଡୋରି ଲାଗିବା ପୂର୍ବରୁ ନିଷ୍ପତ୍ତି ବଦଳାନ୍ତୁ। ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ସେମାନେ ଚେତାଇ ଦେଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ବନ୍ଦ ବିରୋଧରେ ଆଜି ରାଜ୍ୟ ମାନବାଧିକାର କମିସନରେ ଏକ ମାମଲା ହେବା ସହ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାରୀଙ୍କ ଖଣ୍ଡପୀଠରେ ଜରୁରୀକାଳୀନ ଆବେଦନର ତ୍ୱରିତ ଶୁଣାଣି ହୋଇଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଯୁକ୍ତି ଉପସ୍ଥାପନ କରିବା ସହ ୧୩୦ ଛାତ୍ରଛାତ୍ରୀଙ୍କ ମାନବାଧିକର କିଭଳି କ୍ଷୁର୍ଣ୍ଣ ହେଉଛି ସେନେଇ ବର୍ଣ୍ଣନା କରିଛନ୍ତି। ୬ଷ୍ଠ ଓ ୭ମ ଶ୍ରେଣୀର ୧୩୦ଜଣ ଛାତ୍ରଛାତ୍ରୀ ମୁଖ୍ୟତଃ ବସ୍ତି ବାସିନ୍ଦା ତଥା ଦଳିତଙ୍କ ପୁଅ ଝିଅ। ସେମାନଙ୍କୁ ମାଗଣା ଶିକ୍ଷା ଅଧିକାରରୁ ସରକାର ବଞ୍ଚିତ କରିଛନ୍ତି। ମଧ୍ୟାହ୍ନଭୋଜନ ବନ୍ଦ କରିଥିବାରୁ ସେମାନଙ୍କ ମାନବାଧିକାର ଉଲ୍ଲଂଘନ ହୋଇଛି। ଅଭିଯୋଗ ଶୁଣିବା ପରେ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଗଣଶିକ୍ଷା ବିଭାଗ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତ କରି ଷଷ୍ଠ ଓ ସପ୍ତମ ଶ୍ରେଣୀ ଚାଲୁ କରିବାକୁ ଶ୍ରୀ ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ଜଳସେବା ଶିବିର: ଶୋଷ ବେଳେ ପାଣି ମିଳୁନି




ଭୁବନେଶ୍ୱର, ୧୨/୪: ରାମଚନ୍ଦ୍ର ପଣ୍ଡା ପଣା ସଂକ୍ରାନ୍ତି ପାଇଁ କିଣାକିଣି କରିବାକୁ ମାର୍କେଟ ବିଲ୍ଡିଂ ଆସିଥିଲେ। ଅପରାହ୍ନ ୧ଟାରେ ଟାଣ ଖରା ସହ୍ୟ କରି ନପାରି ଥଣ୍ଡା ପାଣି ମୁନ୍ଦେ ପିଇବାକୁ ମାର୍କେଟ ପରିସରରେ ଥିବା ବାଟର ଏଟିଏମ୍ ନିକଟକୁ ଗଲେ। ହେଲେ ଦେଖିଲା ବେଳକୁ ତାହା ଅଚଳ। ପୁଣି ଆଉ ଟିକେ ବାଟ ଚାଲିଲା ପରେ ବିଏମ୍‌ସି ଚିତ୍ର ଥିବା ଜଳସେବା ଶିବିର ନିକଟରେ ପହଞ୍ଚିଲେ। କିନ୍ତୁ ସେଠି ଦେଖିଲା ବେଳକୁ ଶିବିର ଭଙ୍ଗା ଓ ଲୋକ କେହି ନାହାନ୍ତି। ଯଦିଓ ମାଠିଆ ଅଛି ହେଲେ ଘୋଡ଼ଣୀ ଖୋଲି ଦେଖିଲା ବେଳକୁ ସେଥିରେ ଧୂଳି ଭାସୁଛି। ତେଣୁ ବାଧ୍ୟ ହୋଇ ପାଖରେ ଥିବା ଦୋକାନରୁ ପାଣି କିଣି ପିଇଲେ। ଏକ ନମ୍ବର ମାର୍କେଟରୁ କମଳା ନେହେରୁ କଲେଜ ଯିବା ପାଇଁ ରାସ୍ତାରେ ଥିବା ଜଳସେବା ଶିବିରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଶିବିର ଖାଲି ପଡ଼ିଥିବା ବେଳେ ମାଠିଆଟି ବାହାରେ ଥୁଆ ହୋଇଛି। ସେହିପରି କଳ୍ପନାରେ ଥିବା ଜଳସେବା ଶିବିରରେ ଯଦିଓ ମାଠିଆ ଭିତରେ ଅଛି, କିନ୍ତୁ ଦେବା ପାଇଁ କେହି ନାହାନ୍ତି। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଏହି ସ୍ଥାନଗୁଡ଼ିକ ବ୍ୟତୀତ ରାଜଧାନୀର ଅଧିକାଂଶ ଜଳସେବା ଶିବିରରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଅପରାହ୍ନ ୧୨ଟା ପରେ ଶିବିର ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ପଳେଇ ଯାଉଛନ୍ତି। ଫଳରେ ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ବିଏମ୍‌ସି ପକ୍ଷରୁ ଗତ ମାର୍ଚ୍ଚ ମାସରେ ହୋଇଥିବା ବୈଠକରେ ଜନଗହଳିପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ବିଭିନ୍ନ ଛକ, ବଜାର, ହାଟ ଆଦିରେ ପାନୀୟ ଜଳସେବା କେନ୍ଦ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ୍ ୱାର୍ଡରେ ଦୁଇଟି ଲେଖାଏଁ ଜଳସେବା ଶିବିର କରାଯାଇ ଅପରାହ୍ନ ପର୍ଯ୍ୟନ୍ତ ଜଳ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ପାଳନ ହେଉନାହିଁ। ଗୋଟିଏ ପଟେ ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ବାଟର ଏଟିଏମ୍ ଓ ଜଳ କିଓସ୍କ ଅଚଳ ହୋଇ ପଡ଼ିରହିଥିବା ବେଳେ ଜଳସେବା ଶିବିର ଆଉ ଲୋକଙ୍କ ସେବାରେ ଆସିପାରୁନାହିଁ।

## ସାପ କାମୁଡ଼ାରେ ଚାଲିଗଲା ଜୀବନ

ବିନିକା, ୧୨/୪: ଗତକାଲି ରାତ୍ରୀରେ ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଗଣେଶପୁର ଗ୍ରାମର ୪୮ ବର୍ଷୀୟ ସୁବାସ ଘିବିଲା ନାମକ ଜଣେ ବ୍ୟକ୍ତିଙ୍କର ସର୍ପାଘାତରେ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଶୁକ୍ରବାର ରାତ୍ରୀ ସୁବାସ ଘିବିଲା ଓ ସୁଜିତ କୁମାର ପଣ୍ଡା ଉଭୟେ ପ୍ରାୟ ୧୦ଟା ସମୟରେ ଗଣେଶପୁର ଗ୍ରାମର ତାଲବୁରେଇରେ ଥିବା ବିଲକୁ ପାଣି ମଡାଇବାକୁ ଯାଇଥିଲେ। ବିଲରେ ଘିବିଲାଙ୍କ ବାମ ଗୋଡ଼କୁ ମହାମଣ୍ଡଳ ସାପ କାମୁଡି ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ପଣ୍ଡା କହିଛନ୍ତି। ସାପ କାମୁଡ଼ିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଏକ ଘରୋଇ ଗାଡ଼ିରେ ବିନିକା ଡାକ୍ତରଖାନାକୁ ନେଇ ଯାଇଥିଲେ। ଡାକ୍ତରଖାନାରେ ଘିବିଲାଙ୍କୁ ମୃତ ଘୋଷଣା କରାଯାଇଥିଲା। ବିନିକା ପୁଲିସ ଖବର ପାଇ ମୃତଦେହକୁ ଜବତ କରି ଶବବ୍ୟବଚ୍ଛେଦ ପାଇଁ ଶନିବାର ଦିନ ପଠାଇ ଥିବା ସୂଚନା ମିଳିଛି। ତାଙ୍କର ସ୍ତ୍ରୀ ଓ ଦୁଇପୁଅ ଅଛନ୍ତି। ସୁବାସ ପରିବାରର ମୁଖ୍ୟ ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ମେରୁଦଣ୍ଡ ଦୋହଲି ପଡ଼ିଥିବା ଜଣାପଡିଛି। ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ତାଙ୍କୁ ଦେଖିବା ପାଇଁ ବିନିକା ଡାକ୍ତରଖାନାରେ ଭିଡ଼ ଲଗାଇଛନ୍ତି। ଏଣୁ ଏହି ପରିବାରକୁ ସରକାରୀ ସହଯୋଗ ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି।

## ଫୁଲବାଣୀ ଆଇଟି ଡିଏ କନଫରେନ୍ସ ହଲରେ ଛେନା ପୋଡ଼ ଦିବସ ପାଳିତ

ଫୁଲବାଣୀ ତା,୧୨/୦୪ : କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ସ୍ଥିତ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ପ୍ରଶାସକ କାର୍ଯ୍ୟାଳୟ କଂଫୋରେନ୍ସ ହଲରେ ଆଜି ମୁଖ୍ୟ ଅତିଥିଭାବେ ଶ୍ରୀ ଗଦାଧର ସାହୁ ଯୋଗଦାନ କରିଥିଲେ ଓ ସନମାନୀତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଶ୍ରୀ ଶିବ ପ୍ରସାଦ ତ୍ରିପାଠୀ, ଲେଖକ ସମ୍ମୁଖ୍ୟାର ସଭାପତି ତଥା ବରିଷ୍ଠ ଆଇନଜୀବୀଶ୍ରୀ ରବୀନ୍ଦ୍ର ମିଶ୍ର , ବରିଷ୍ଠ ଆଇନଜୀବୀ ଶ୍ରୀ ବିଜୟ ପଟନାୟକ, ସ୍ୱାତି ର ମୁଖ୍ୟ ପରିଚାଳକ ଶ୍ରୀ ପ୍ରଦୀପ ସ୍ୱାଇଁ, ସମେତ ଆଜିର ଛେନା ପୋଡ଼ ଦିବସ ପାଳନ ର ଉଦ୍ୟକ୍ତା ତଥା ଯୁବ ସାମ୍ବାଦିକ ଶ୍ରୀ ଉତ୍କଳ କେଶରୀ ସାହୁ ଉପସ୍ଥିତ ଥିଲେ । ଉଦ୍ୟକ୍ତା ଶ୍ରୀ ଉତ୍କଳ କେଶରୀ ସାହୁ ଛେନା ପୋଡ଼ ର ଜନ୍ମ କେବେ ହୋଇଥିଲା ଓ କୋଉଠି ହୋଇଥିଲା ଏବଂ ସର୍ବ ପ୍ରଥମେ ଛେନା ପୋଡ଼କୁ କିଏ ତିଆରି କରିଥିଲେ ତାରି ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ୧୯୪୦ ନୟାଗଡ ଜିଲ୍ଲା ର ବିଦ୍ୟାଧର ସାହୁ ସର୍ବ ପ୍ରଥମେ ଛେନା ପୋଡ଼ ତିଆରି କରିଥିଲେ ଆଉ ତାଙ୍କ ପରେ ତାଙ୍କ ସୁପୁତ୍ର ଶ୍ରୀ ସୁଦର୍ଶନ ସାହୁ ତାର ପ୍ରଚାର ପ୍ରସାର କରିଥିଲେ, ଯାହାକି ଦିନେ ସାରା ଦେଶରେ ତାର ସ୍ୱାଦିଷ୍ଟ ଉପରେ କାୟା ବିସ୍ତାର କରିପାରଥିଲା । ବୋଲି ତେଣୁ ତାଙ୍କରି ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା,ଏବଂ ରାଇକିଆ ବିନସ, ଆଳୁ , ଓ ଛେନା ପୋଡ଼କୁ ଜି ଆଇ ଟ୍ୟାଗ ର ମାନ୍ୟତା ପାଇଁ କନ୍ଧମାଳ ଜିଲ୍ଲା ତରଫରୁ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ କରିଥିଲେ । ଅନ୍ୟାନ୍ୟ ମଂଚାସୀନ ଅତିଥି ମାନଙ୍କ ମଧ୍ୟରେ ସମସ୍ତେ ସୁନ୍ଦର ଭାବେ ଛେନା ପୋଡ଼ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ଗଦାଧର ସାହୁ ଅଭିଭାଷଣ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଙ୍କ ଏକ ସୁନ୍ଦର ଭଜନ ଗାଇ ନିଜର ବକ୍ତବ୍ୟ ଆରମ୍ଭ କରିଥିଲେ । ଆଜିର ଛେନା ପୋଡ଼ ଦିବସରେ ବିଶେଷ ଏକ ପ୍ରମୁଖ ଘଟଣା ହେଲା ଯେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ପ୍ରସିଦ୍ଧ ମଣିବାବା ହୋଟେଲ ମାଲିକ ତଥା ବିଶିଷ୍ଟ ବ୍ୟବସାୟୀ ଶ୍ରୀ ସୁଦର୍ଶନ ସାହୁ ପ୍ରଥମ ଥର ପାଇଁ ନିଜସ୍ୱ ଜ୍ଞାନ କୌଶଳରେ ୨୦୨୫ ମସିହା ଏପ୍ରିଲ ୧୧ ତାରିଖ ଶୁକ୍ରବାର ଦିନ ସେ ଛେନା ପୋଡ଼ ତିଆରି କରିଥିଲେ ଓ ସେହି ଛେନାପୋଡ଼କୁ ଆଜି ଛେନା ପୋଡ଼ ଦିବସରେ ଜନସାଧାରଣ ଙ୍କୁ ନିଶ୍ଚୟ ସ୍ୱାଦିଷ୍ଟ ହୋଇପାରିବ ବୋଲି ଆଜି ଲୋକାର୍ପିତ କରିଥିଲେ ଯାହାକି ଆଜିର ଦିବସରେ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ଙ୍କକରକମଳରେ ଉନ୍ମୋଚନ ବା ଛେନା ପୋଡ଼ କେକ କଟାଯାଇଥିଲା, ଏବଂ ଆଜିର ଦିବସରେ କନ୍ଧମାଳ ଫୁଲବାଣୀ ରୁ ଉତ୍ପାଦିତ ହୋଇଥିବା ଛେନା ପୋଡ଼କୁ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ସାମ୍ବାଦିକ, ଅନ୍ୟ ସମସ୍ତ ମାନ୍ୟ ଗଣ୍ୟ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କନ୍ଧମାଳ ଜିଲ୍ଲା ଇ - ଲାଇବ୍ରେରୀୟାନ ଶ୍ରୀ ଶିବଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରି ଛେନାପୋଡ଼ ଦିବସ ପାଳନର ପରିସମାପ୍ତି ଘୋଷଣା କରିଥିଲେ ।





## ଡହଡହ ଖରାରେ ପାଣି ଟୋପେ ଖୋଜିବାକୁ ଗରା ମାଠିଆ ଧରି ବୁଲୁଛନ୍ତି ଲୋକେ



ଗଂଜାମ, ୧୨/୪: ଗ୍ରୀଷ୍ମର ପ୍ରଭାବରେ ଖରା ତାତି ବଢ଼ିବାରେ ଲାଗିଛି। ନଦୀ, କୂଅ ସବୁ ଶୁଖିଲା ପଡିଛି। ଗାଁ ଗାଁରେ ଦେଖାଦେଲାଣି ପାନୀୟ ଜଳ ସମସ୍ୟା । ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ଲୋକେ। ଗଂଜାମ ଗାଲେରିରୁ ଦେଖିବା ଜଳକଷ୍ଟର ଚିତ୍ର । ଗାଁରେ ବସିଛି ପାଣି ଟାଙ୍କି,ପ୍ରତି ସାହିରେ ଷ୍ଟାଣ୍ଡ ପୋଷ୍ଟ ରହିଛି, ହେଲେ ସେଥିରେ ପାଣି ଆସୁନି। ହାତରେ ଗରା ମାଠିଆ ଧରି ପାଣି ପାଇଁ ନଦୀକୁ ଯାଉଛନ୍ତି ମହିଳା । ଏ ଚିତ୍ର ହେଉଛି ଗଂଜାମ ଭଂଜନଗର ବ୍ଲକ ଗାଲେରି ଗାଁର । ଦଣ୍ଡଯାତ୍ରା ପାଇଁ ପ୍ରସିଦ୍ଧ ଏହି ଗାଁ ରେ ଏବେ ଜଳକଷ୍ଟ ଉତ୍କଟ ହୋଇ ପଡିଛି । ପିଇବାକୁ ମିଳୁନି ପାଣି ମୁନ୍ଦାଏ । ଦିନେ କି ଦୁଇଦିନ ନୁହଁ ପ୍ରାୟ ପନ୍ଦର ଦିନ ହେବ ଏଭଳି ସମସ୍ୟା ଦେଖାଦେଇଛି ଏହି ଗାଁରେ । ପୂର୍ବରୁ ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ସହ ଗାଁରେ ଷ୍ଟାଣ୍ଡପୋଷ୍ଟ ବସିଥିଲା। ହେଲେ ଏଥିରେ ଏବେ ପାଣି ଆସୁନାହିଁ । ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ପରିବାର ଏହି ଗାଁରେ ରହୁଛନ୍ତି। ପାଣି ପାଇଁ ପର୍ଯ୍ୟାପ୍ତ ନଳକୂପ ନାହିଁ। ଯେତିକି ନଳକୂପ ଅଛି ସେଥିରେ ଭଲ ପାଣି ଆସୁନି। ପାଣି ଟିକିଏ ପାଇଁ ତହଳବିକଳ ପରିସ୍ଥିତି ସୃଷ୍ଟି ହୋଇଛି । ଡହଡହ ଖରାରେ ଲୋକେ ପାଣି ପାଇଁ ବୁଲୁଛନ୍ତି। ଚୁଆ ଖୋଳି ଲୋକଙ୍କୁ ପାଣି ସଂଗ୍ରହ କରିବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ସକାଳୁ ଉଠିଲେ ଲୋକଙ୍କୁ ପାଣିଚିନ୍ତା । ମହିଳା ମାନେ ହାତରେ ଗରା ମାଠିଆ ଧରି ଗାଁ ନଦୀକୁ ଯାଉଛନ୍ତି । ନଦୀର ଶୁଖିଲା ବାଲିରେ ଚୁଆ କରି ସେଠାରୁ ପାଣିକୁ ମୁନ୍ଦେ ମୁନ୍ଦେ କରି ସଂଗ୍ରହ କରୁଛନ୍ତି । ସକାଳ ୯ ଟା ହୋଇଗଲେ ନଦୀର ବାଲି ତାତି ଯାଉଥିବାରୁ ତରବରିଆ ଭାବେ ମହିଳା ମାନେ ପାଣିଧରି ଘରକୁ ଫେରୁଛନ୍ତି । ଏଠାରେ ହିଁ ଗାଧୁଆ ପାଧୁଆ ସାରି ପିଇବା ପାଣି ଧରି ଘରକୁ ନେଇ ଆସୁଛନ୍ତି । ଗାଁରେ ହେବ ମେରୁ ଯାତ୍ରା। ଘରକୁ ଆସିଲେଣି ସମ୍ପର୍କୀୟ। ହେଲେ ପାଣି ନଥିବାରୁ ବଢିଛି ଚିନ୍ତା । ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଜଳପ୍ରକଳ୍ପରେ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଜଳଯୋଗାଣ ବନ୍ଦ ହୋଇ ପଡ଼ିଥିବା କଥା କହିଛନ୍ତି । ଏ ସମ୍ପର୍କରେ ଭଂଜନଗର ଉପଜିଲାପାଳ ଉମାଶଙ୍କର ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି ଓ ଟ୍ରାନ୍ସଫର୍ମର ବସାଇବା ପାଇଁ ବିଦ୍ୟୁତ ବିଭାଗ ସହିତ କଥା ହୋଇଥିବା ସୂଚନା ଦେଇଛନ୍ତି ।

## ପାନୀୟ ଜଳଯୋଗାଣ ପ୍ରକଳ୍ପ ମନ୍ଥର: ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



କୋରାପୁଟ, ୧୨/୪: ଜିଲ୍ଲାବାସୀ ଏବର୍ଷ ବି ପିଇବାକୁ ପାଇବେନି ପର୍ଯ୍ୟାପ୍ତ ପାଣି। ଏମିତି ସଙ୍କେତ ଜଳଜଳ ଦିଶିଲାଣି। ମେଗା ଜଳଯୋଗାଣ ପ୍ରକଳ୍ପ ୧୪ଟି ବ୍ଲକ ପାଇଁ ୮ଟି ସ୍ଥାନରୁ ଏହି ଯୋଜନାରେ ପାଣି ଘରକୁ ଘର ଯୋଗାଇବାକୁ ଲକ୍ଷ୍ୟ ଗତ ୭ବର୍ଷ ହେବ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଥି ପାଇଁ ୩ହଜାର କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ତେବେ ଏହି ପ୍ରକଳ୍ପ ଗୁଡିକର କାମ ସରିବା ନାଁ ନେଉନି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଜିଲ୍ଲାରେ କାର୍ଯ୍ୟାକାରୀ ହେବାକୁ ଯାଉଥିବା ୮ଟି ମେଗା ଜଳଯୋଗାଣ ପ୍ରକଳ୍ପ ଓପାନୀୟ ଜଳଯୋଗାଣ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସମୀକ୍ଷା କରିଛନ୍ତି। ପ୍ରକଳ୍ପ ଗୁଡିକ ନିର୍ମାଣ ଅତ୍ୟନ୍ତ ମନ୍ଥତାକୁ ନେଇ ଜିଲ୍ଲାପାଳ ଚିନ୍ତା ପ୍ରକଟ କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଠିକା ସଂସ୍ଥା କାମନ ସାରିଲେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଦେଇଥିଲେ ନିର୍ଦ୍ଦେଶ। ଜିଲ୍ଲାରେ ଏବେ ୧୭,୭୮୦ଟି ନଳକୂଅ ରହିଛି। ଏହା ସହିତ ୬୪୫ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ କରାଯାଇଛି। ଜିଲ୍ଲାରେ ଥିବା ସମୁଦାୟ ୪୪୦୪ଟି ଜନବସତି ଭିତରୁ ପ୍ରାୟ ୧୦୩୦ଟି ଏହି ପ୍ରକଳ୍ପ ଗୁଡିକରୁ ପାଇପ ପାଣି ଯୋଗାଇ ଦିଆଯାଉଛି। ୨୦ହଜାର ଘର ଏଥିରୁ ଫାଇଦା ପାଇଥାନ୍ତି। କିନ୍ତୁ ବାକି ଜନବସତିରେ ଥିବା ୨ ଲକ୍ଷ ୭୫ ହଜାର ଘର ନଳକୂଅ କିମ୍ବା କୂଅ ଉପରେ ନିର୍ଭର କରିଥାନ୍ତି। କିଛି ସ୍ଥାନରେ ଲୋକେ ଝରଣା, ନଦୀ, ନାଳର ପାଣି ବ୍ୟବହାର କରନ୍ତି। ଜିଲ୍ଲାରେ ଭୁତଳ ଜଳସ୍ତର ଅତି ବିପଦଜନକ ଭାବେ ତଳକୁ ଖସି ଯାଇଛି। ବୈପାରିଗୁଡ଼ା, ପଟାଙ୍ଗି, ନାରାୟଣପାଟଣା ଆଦି ବ୍ଲକର ଅଧିକାଂଶ ଅଂଚଳରେ ନଳକୂପରୁ ଖରାଦିନେ ପାଣି ବାହାରୁନି ବୋଲି ଆଲୋଚନା ହୋଇଥିଲା। କୋଲାବ ଜଳଭଣ୍ଡାରର ବିଭିନ୍ନ ସ୍ଥାନରେ ୬ଟି ଓ ଇନ୍ଦ୍ରାବତୀ ପ୍ରକଳ୍ପରେ ୨ଟି ଏପରି ୮ଟି ପ୍ରକଳ୍ପ ନିର୍ମାଣ ଜାରି ରହିଛି। ମୁରାନରେ ପ୍ରକଳ୍ପ ଦ୍ୱାରା ବୋରିଗୁମ୍ମା, ଜୟପୁର ଓ କୋଟପାଡ ବ୍ଲକର ୫୧ଟି ପଞ୍ଚାୟତକୁ ପାଣି ଯୋଗାଇବାକୁ ଲକ୍ଷ୍ୟ। ୮ରୁ ମୁରାନ ହିଁ ପ୍ରାରମ୍ଭିକ ଭାବେ ଆଂଶିକ ଯୋଗାଣ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆସିବା ପରେ ନୂଆ ନଳକୂଅ ଆଉ ଖନନ୍ ହେଉନି। ପ୍ରକଳ୍ପ କାମ ସରୁନି, ଏହି ସ୍ଥିତିରେ ଲୋକେ ପାଣି ପାଇଁ ହଇରାଣ ହେବେ। ତେଣୁ ଏହି ସମସ୍ୟା ଦୁର କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସବୁ ପରିସ୍ଥିତିକୁ ନେଇ ପ୍ରସ୍ତୁତ ରହିବା ଏବଂ ସବୁ ବିଭାଗ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ବୈଠକରେ ଡିଏଫଓ କେଭି ଭାସ୍କର ରାଓ, ପ୍ରତାପ ବେହେରା, ପୂର୍ତ୍ତ ବିଭାଗ, ଟାଟାପାୱାରର ନିର୍ବାହୀ ଯନ୍ତ୍ରୀ ଇଂ ଭଗବାନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀ ମାନେ ଭାଗ ନେଇଥିଲେ। କେବଳ ଗୋଟିଏ ମୁରାନ ପ୍ରକଳ୍ପରୁ କୋଟପାଡ଼,ଜୟପୁର ଓ ବୋରିଗୁମ୍ମା ବ୍ଲକରେ ଆଂଶିକ ଯୋଗାଣ ଆରମ୍ଭ ହୋଇଛି। ମୁରାନ ମେଗା ଜଳ ଯୋଗାଣ ପ୍ରକଳ୍ପର ଠିକାସଂସ୍ଥାକୁ ମନ୍ଥରତା ପାଇଁ ୩୦ଲକ୍ଷର ଜରିମାନା ପକାଯାଇଥିବା କହିଥିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ।

## କଳରାପତରିଆ ଛାଲ ଜବତ, ଜଣେ ଗିରଫ

ଖପ୍ରାଖୋଲ, ୧୨/୪: ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଯମୁନାପାଲି ଗାଁରେ ବନ ବିଭାଗ ଶୁକ୍ରବାର ସକାଳେ ଚଢ଼ଉ କରି କଳରାପତରିଆ ଛାଲ ଜବତ କରିବା ସହ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଯମୁନାପାଲି ଗାଁର କୈଳାସ କଠାର (୫୫)। ସୂଚନା ଅନୁସାରେ, କୈଳାସ କଳରାପତରିଆ ଶିକାର କରି ଘରେ ଛାଲ ରଖିଥିବା ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ବଲାଙ୍ଗୀର ଏସିଏଫ୍ ମନୋଜ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ରେଞ୍ଜ ଅଧିକାରୀ ସୁନୀଲ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତା' ଘରେ ଚଢ଼ଉ କରିଥିଲେ। ସେଠାରୁ ୨୪୬ ସେମି ଲମ୍ବ ଓ ୫୧ ସେମି ଓସାରର କଳରାପତରିଆ ଛାଲ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ମୃତ କଳରାପତରିଆର ବୟସ ୧୦ ବର୍ଷ ହେବ ବୋଲି ଜଣାଯାଇଛି।

# କଳିଙ୍ଗ ଷ୍ଟୁଡିଓ: ୨୫ ବର୍ଷରେ ଆୟ ୫ କୋଟି, ଖର୍ଚ୍ଚ ହୋଇଛି ୧୫୨ କୋଟି

ଖଣ୍ଡଗିରି, ୧୨/୪: ୨୦୦ କୋଟି ଟଙ୍କାରେ ନୂଆରୂପ ନେଇଥିବା କଳିଙ୍ଗ ଷ୍ଟୁଡିଓରୁ ଗତ ୨୫ ବର୍ଷରେ ମାତ୍ର ୫ କୋଟି ଟଙ୍କା ଆୟ ହୋଇଛି। ୧୯୯୯ ମହାବାତ୍ୟା ସମୟରେ ମାଟିରେ ଲୋଟିଥିବା ଏହି ଷ୍ଟୁଡିଓର ନବକଳେବର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତା'ସତ୍ତ୍ୱେ ମଧ୍ୟ ସୁଧାର ଆସିପାରିନାହିଁ। ୨୫ ବର୍ଷ ମଧ୍ୟରେ ଯେତିକି ଆୟ ହୋଇଛି ତାହାଠାରୁ ଢେର ଅଧିକ ପୁନଃରୁଦ୍ଧାରରେ ଖର୍ଚ୍ଚ ହୋଇଥିବା ଶିଳ୍ପବିଭାଗ ପକ୍ଷରୁ ସୂଚନା ମିଳିଛି। ରେକର୍ଡିଂ, ଏଡିଟିଂ, କ୍ୟାମ୍ପସ ଭଡ଼ା, ସାମଗ୍ରୀ ଭଡ଼ା, ଅତିଥି ଗୃହ, ଭିଲେଜ୍ କମ୍ପ୍ଲେକ୍ସ, ଇନ୍‌ଡୋର ଫ୍ଲୋର, ଭିଡିଓ ପରି ବିଭିନ୍ନ କ୍ଷେତ୍ରରୁ ମାତ୍ର ୫ କୋଟି ୫ ଲକ୍ଷ ଟଙ୍କା ଆୟ କରାଯାଇଛି। ମାତ୍ର ଏହି ୨୫ ବର୍ଷ ମଧ୍ୟରେ କଳିଙ୍ଗ ଷ୍ଟୁଡିଓର ଭିତ୍ତିଭୂମି ଓ ବିକାଶ ପାଇଁ ୧୫୧ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମହାବାତ୍ୟା ପରବର୍ତ୍ତୀ କିଛି ବର୍ଷ ମଧ୍ୟରେ ଏଠାରେ ଫିଲ୍ମ ସୁଟିଂ ହେଉଥିବାରୁ ବାର୍ଷିକ ଆୟ ପରିମାଣ ୨୦ ଲକ୍ଷ ଉପରେ ରହିଥିଲା। ତେବେ ୨୦୦୬-୦୭ରେ ଏଠାକାର ଆୟ ୧୦ ଲକ୍ଷ ଟଙ୍କା ତଳକୁ ଖସିଆସିଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଏହାର ଆୟ ଉତ୍ସାହଜନକ ହୋଇପାରି ନାହିଁ। ୨୦୨୧-୨୨ ଆର୍ଥିକ ବର୍ଷରେ କୋଭିଡ୍ ? ପ୍ରଭାବ ଲାଗିରହିବାରୁ ଅଧିକାଂଶ ପ୍ରଯୋଜକ ରାଜ୍ୟ ବାହାରକୁ ନ ଯାଇ କଳିଙ୍ଗ ଷ୍ଟୁଡିଓର ଭିଲେଜ୍ କମ୍ପ୍ଲେକ୍ସ ଓ ଇନ୍‌ଡୋର ଫ୍ଲୋରକୁ ବ୍ୟବହାର କରିଥିଲେ। ପରିଣାମ ସ୍ୱରୂପ ଏହି ଆର୍ଥିକ ବର୍ଷରେ ୮୫.୮୯ ଲକ୍ଷ ଟଙ୍କା ଆୟ ହୋଇଥିଲା, ଯାହାକି ୨୫ ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୨-୨୩ରେ ୧୮.୦୪ ଲକ୍ଷ, ୨୦୨୩-୨୪ରେ ୯୧ ହଜାର ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଆଦୌ ଆୟ ହୋଇ ନ ଥିବା ଜଣାପଡ଼ିଛି। ୨୦୦୭-୦୮ରୁ ଏଠାରେ ଏଡିଟିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ହେବା ପରେ ଏଠାରେ ୨୦୦୫-୦୬ରୁ ଭିଡିଓ ଏଡିଟିଂ ହେଉନାହିଁ। ୨୫ ବର୍ଷ ମଧ୍ୟରେ କ୍ୟାମ୍ପସ ଭଡ଼ାରୁ ମାତ୍ର ୪୫ଲକ୍ଷ, ଭିଲେଜ୍ କମ୍ପ୍ଲେକ୍ସରୁ ୭୬ ଲକ୍ଷ, ଇନ୍‌ଡୋର ଫ୍ଲୋର ଭଡ଼ାରୁ ୧ କୋଟି ୮୩ ଲକ୍ଷ ଟଙ୍କା ଆୟ ହୋଇଛି। ୨୦୨୧ ମାର୍ଚ୍ଚ ୨୫ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଏହାର ପୁନଃନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ୨୦୨୨ ସୁଦ୍ଧା କାମ ଶେଷ କରି 'ଷ୍ଟେଟ୍ ଅଫ୍ ଦି ଆର୍ଟ'ରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି, କିନ୍ତୁ କଳିଙ୍ଗ ଷ୍ଟୁଡ଼ିଓର ଭାଗ୍ୟ ପରିବର୍ତ୍ତନ ହୋଇନାହିଁ। ଫିଲ୍ମ ସିଟିର ଭ୍ରମ ସୃଷ୍ଟି କରୁଥିବା ଏହି ଷ୍ଟୁଡ଼ିଓକୁ ନେଇ ଏବେ କେଁ ଉଠିଛି। ଜାଗା ତିଆରି ହୋଇଛି, ହେଲେ ସେଠାରେ ଫିଲ୍ମ ହେଲା ଭଳି ଯଥେଷ୍ଟ ବ୍ୟବସ୍ଥା ହୋଇନି। ଲାଇଟ୍, କ୍ୟାମେରା ଲାଗିବାକୁ ଜାଗା ନାହିଁ। ଗ୍ରାମ୍ୟ ଦୃଶ୍ୟରେ ସମସ୍ୟା ସୃଷ୍ଟି ହେଉଥିବା ପ୍ରଯୋଜକମାନେ ଅଭିଯୋଗ କରିବା ପରେ ଏବେ ରାଜ୍ୟ ସରକାର ପୁଣି ପରିବର୍ତ୍ତନ କରିବାକୁ ଯୋଜନା କରିଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି କଳିଙ୍ଗ ଷ୍ଟୁଡିଓ କାମ ଶେଷ ହୋଇଛି। ଆଉ କିଛି ସାମଗ୍ରୀ ଲଗାଇବାକୁ ପ୍ରଯୋଜକମାନେ ପ୍ରସ୍ତାବ ଦେଇଛନ୍ତି। ତାହା ଉପରେ ଆଲୋଚନା ହେଉଛି। ଯେତେଦୂର ସମ୍ଭବ ଟ୍ରେନ୍ ଟ୍ରାକ୍, କ୍ୟାମେରା, ଲାଇଟ୍ ରଖିବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଉପଲବ୍ଧ କରାଯାଇ ଏହାକୁ ଲୋକାର୍ପଣ କରାଯିବ।



## ସଂପାଦକୀୟ

# ମୁକ୍ତ ବାଣିଜ୍ୟର ଶେଷ ସମୟ

ବିଶ୍ୱରେ ଟାରିଫ ଯୁଦ୍ଧ କ୍ରମଶଃ ଉତ୍କଟ ହେଉଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ବିଶ୍ୱ ଅର୍ଥନୀତି, ବୈଶ୍ୱିକ ବାଣିଜ୍ୟ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଶ୍ୱର ଅନେକ ରାଷ୍ଟ୍ରମୁଖ୍ୟଙ୍କୁ ଏହି ନୂତନ ସ୍ଥିତି ବ୍ୟସ୍ତ, ବିବ୍ରତ କରିଦେଇଛି। ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଷ୍ଟିମଙ୍କ ଭାଷାରେ ଜଗତୀକରଣର ଯୁଗ ସମାପ୍ତ ହେବାକୁ ଯାଉଛି। ସେ କହିଛନ୍ତି 'ଯେଉଁ ଦୁନିଆକୁ ଆମେ ଜାଣିଥିଲେ ତାହା ସମାପ୍ତ ହୋଇଯାଇଛି। ଏକ କଷ୍ଟକର ସମୟର ସମ୍ମୁଖୀନ ହେବା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।' ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲାରିନ୍ସ ୱେଙ୍ଗ କହିଛନ୍ତି 'ମୁକ୍ତ ବାଣିଜ୍ୟର ସମୟ ସମାପ୍ତ ହୋଇଛି। ଏବେ ବିଶ୍ୱ ଏକ ନୂଆ ଯୁଗରେ ଜିଛନ୍ତି, ଯାହା ଆହ୍ୱାନପୂର୍ଣ୍ଣ।' ବାସ୍ତବରେ ବିଶ୍ୱ ଏକ ନୂତନ ବ୍ୟବସାୟିକ ଯୁଦ୍ଧ ଆଡ଼କୁ ଟାଣି ହୋଇଯାଉଛି। ଯୋଗାଣ ଶୃଙ୍ଖଳା ପ୍ରଭାବିତ ହେବାକୁ ଯାଉଛି। ଉତ୍ପାଦନର ସ୍ଥାନ ପରିବର୍ତ୍ତନ ଯୋଗୁଁ ଅନେକ ଶ୍ରମିକ ବେରୋଜଗାର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସିଙ୍ଗାପୁର ଭଳି ଛୋଟ ଛୋଟ ଦେଶର ଆର୍ଥିକ ସ୍ଥିତି ଆହୁରି ବିଗିଡ଼ିବାର ଅନୁମାନ କରାଯାଉଛି। ୧୯୯୧ ମସିହାରେ ସୋଭିଏତ ସଂଘର ପତନ ପରେ ଜଗତୀକରଣ ପ୍ରାରମ୍ଭ ହେଲା। ବିଦେଶୀ ବସ୍ତୁ ପାଇଁ ଅନେକ ଦେଶ ନିଜ ଦ୍ୱାର ଉନ୍ମୁକ୍ତ କଲେ। ବିଦେଶୀ ବସ୍ତୁ ଉପରେ ଟିକସ କମିବାରେ ଲାଗିଲା। ଅନେକ ଦେଶ ନିଜ ଭିତରେ ମୁକ୍ତ ବାଣିଜ୍ୟ ଚୁକ୍ତି କଲେ। ମୁକ୍ତ ବାଣିଜ୍ୟ ପାଇଁ ଅନେକ ବୈଶ୍ୱିକ ସଂଗଠନ ତିଆରି ହେଲା। ସମ୍ପୂର୍ଣ୍ଣ ଦୁନିଆ ଗୋଟିଏ ବଜାରରେ ପରିଣତ ହୋଇଗଲା। ବିଦେଶୀ ବସ୍ତୁ ଶସ୍ତା ହେବାରେ ଲାଗିଲା। ଦେଶ-ଦେଶ ଭିତରେ ସମ୍ପର୍କ ସୁଦୃଢ଼ ହେବା ସହିତ ଦେଶର ବିକାଶ ବଢ଼ିବା ଆରମ୍ଭ ହେଲା। ଭାରତ ଭଳି ଦେଶ ଆରମ୍ଭରୁ କ୍ଷତି ସହି ଧୀରେ ଧୀରେ ପ୍ରତିଯୋଗିତାରେ ଆଗକୁ ବଢ଼ିଲେ। ବଡ଼ ବଡ଼ ଦେଶଙ୍କୁ ପଛରେ ପକେଇ ଭାରତୀୟମାନେ ନିଜ ବସ୍ତୁ ବିଶ୍ୱ ବଜାରରେ ବିକ୍ରି କରିବାରେ ସଫଳ ହେଲେ। ୯୦ ଦଶକରେ ବିଶ୍ୱ ବଜାରକୁ ନିୟନ୍ତ୍ରଣ କରୁଥିବା ଆମେରିକା, ଜାପାନ, ଜର୍ମାନ ଓ ଇଂଲଣ୍ଡ ଆଦି ଦେଶ ଭାରତ ଓ ଚୀନ ପଛରେ ପଡ଼ିଲେ। ଆମେରିକାର ଅର୍ଥଶାସ୍ତ୍ରୀ ନିଜର ବିପର୍ଯ୍ୟୟ ପାଇଁ ଭାରତ, ଚୀନ, କୋରିଆକୁ ଦାୟୀ କରିବା ଆରମ୍ଭ କରିଦେଲେ। ଏବେ ଭବିଷ୍ୟତ ବିପଦରୁ ରକ୍ଷା ପାଇବା ପାଇଁ ଟ୍ରମ୍ପ ମୁକ୍ତ ବାଣିଜ୍ୟରୁ ହଟି ଯାଇ ଟାରିଫ ଯୁଦ୍ଧ ଘୋଷଣା କରିଦେଲେ। ୬୦ଟି ଦେଶ ଉପରେ ନୂତନ ଶୁଳ୍କ ଲଗେଇଦେଲେ। ଚୀନ ଭଳି ଦେଶ ଉପରେ ୫୪% ଶୁଳ୍କ ଲଗେଇଥିଲେ। ତାହା ଏବେ ବଢ଼ି ୧୨୫% ହୋଇଛି। ଭାରତ ଉପରେ ୨୬% ସୀମା ଶୁଳ୍କ ଲାଗିଗଲା। ଅବଶ୍ୟ ଭାରତ ଲାଭ କରିବ ବୋଲି ଆଶା କରାଯାଉଛି। ଚୀନ ଉପରେ ଅଧିକ ଶୁଳ୍କ ଲାଗିଥିବାରୁ ଭାରତୀୟ ବସ୍ତୁ ଆମେରିକା ବଜାରରେ ଅପେକ୍ଷାକୃତ ଶସ୍ତା ହେବ। ବିଶାଳ ବଜାର ପାଇଁ ଭାରତ ନିକଟରେ ବିଶାଳ ଜନସଂଖ୍ୟା ଅଛି, ଯାହା ଭାରତକୁ ପ୍ରତିଯୋଗିତା କରିବା ପାଇଁ ସହାୟକ ହେବ। ସୀମାଶୁଳ୍କ ମାଧ୍ୟମରେ ପ୍ରତ୍ୟେକ ଦେଶ ନିଜ ଦେଶର ଶିଳ୍ପ ଓ ଉତ୍ପାଦନକୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରନ୍ତି। ସୀମାଶୁଳ୍କ କାରଣରୁ ବାହାର ଦେଶର ବସ୍ତୁ ଘରୋଇ ବଜାରରେ ମହଙ୍ଗା ହୋଇଯାଏ। ଘରୋଇ ଉଦ୍ୟୋଗଙ୍କୁ ପ୍ରତିଯୋଗିତା କରିବା ପାଇଁ ସହଜ ହୁଏ। ଆମଦାନୀ କମ ହେଲେ ବିଦେଶୀ ମୁଦ୍ରାଭଣ୍ଡାର ଉପରେ ଚାପ କମ ପଡ଼େ। ନିଜ ଦେଶ ମୁଦ୍ରାର ଅବମୂଲ୍ୟାୟନକୁ ରୋକା ଯାଇପାରେ।

ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରମାନେ ଆମେରିକା ବସ୍ତୁ ଉପରେ ୩୯% ଶୁଳ୍କ ଆଦାୟ କରୁଥିଲେ। ତେଣୁ ଆମେରିକା ବାଧ୍ୟ ହୋଇ ୨୦% ସୀମାଶୁଳ୍କ ଲଗେଇଛି। ଆମେରିକାରୁ ଆମଦାନୀ ଉପରେ କାମ୍ବୋଡ଼ିଆ ୯୭%, ଭିଏତନାମ ୯୦%, ବାଂଲାଦେଶ ୭୪% ସୀମାଶୁଳ୍କ ଆଦାୟ କରୁଥିଲେ। ଏବେ ଆମେରିକା ଜବାବୀ ରାସ୍ତା ବାହାର କରି କାମ୍ବୋଡ଼ିଆ ଠାରୁ ୪୯%, ଭିଏତନାମ ୪୬%, ବାଂଲାଦେଶ ୩୭% ସୀମାଶୁଳ୍କ ଆଦାୟ କରିବା ପାଇଁ ସ୍ଥିର କରିଛି। ଯେଉଁ ଦେଶ ଆମେରିକା ଉପରୁ ଯେତିକି ସୀମା ଶୁଳ୍କ ଆଦାୟ କରୁଛନ୍ତି ପ୍ରାୟ ତା'ର ଅଧା ଶୁଳ୍କ ଆଦାୟ କରିବା ପାଇଁ ଆମେରିକା ଯୋଜନା କରିଛି। ବିଗତ ୩୦ ବର୍ଷରେ ସୀମାଶୁଳ୍କ ଏକ ଆର୍ଥିକ ଷଡ଼ଯନ୍ତ୍ରରେ ପରିଣତ ହୋଇଛି। ଏହି ଷଡ଼ଯନ୍ତ୍ରରେ ଅଧିକ ଶିକାର ହୋଇଛି ଆମେରିକା। ଆମେରିକାକୁ ଅଧିକ ଶିକାର କରିଛି ଚୀନ। ଆମେରିକା ବଜାର ଚୀନ ମାଲରେ ଭର୍ତ୍ତି ହେଲା ଏବଂ ଆମେରିକାର ବେରୋଜଗାର ଶତାବ୍ଦୀର ଉଚ୍ଚସୀମାରେ ପହଁଚି ଗଲା। ଟାରିଫ ଯୁଦ୍ଧ କରିବା ପଛରେ ଆମେରିକାର ବିବଶତା ମଧ୍ୟ ଥିଲା। ଚୀନ ଆମେରିକା ବସ୍ତୁ ଉପରେ ୬୭% ସୀମା ଶୁଳ୍କ ଲାଗୁ କରୁଥିଲା, ଯାହା ଆମେରିକା ପାଇଁ ବହୁତ ଅଧିକ ଥିଲା। ଚୀନ ଆମେରିକା ବଜାରରେ ଶସ୍ତାରେ ନିଜ ବସ୍ତୁ ବିକ୍ରି କରୁଥିଲା। ଅପରପକ୍ଷରେ ଆମେରିକା ବସ୍ତୁ ଉପରୁ ଅଧିକ ସୀମାଶୁଳ୍କ ଆଦାୟ କରୁଥିଲା। ଆମେରିକା ବସ୍ତୁ ଏତେ ଅଧିକ ଦାମ ହୋଇଯାଉଥିଲା ଯେ ଚୀନ ବଜାରରେ ବିକ୍ରି ହୋଇ ପାରୁନଥିଲା। ଚୀନର ଅତ୍ୟଧିକ ଲୋଭଖୋର ମନୋବୃତ୍ତି ଓ ଆର୍ଥିକ ସାମ୍ରାଜ୍ୟବାଦ ମୁକ୍ତ ବାଣିଜ୍ୟ ପାଇଁ ଘାତକ ହେଲା। ତେଣୁ ବିଶ୍ୱର ମୁକ୍ତ ବାଣିଜ୍ୟର ସମାପ୍ତି ପାଇଁ ଚୀନ ପରୋକ୍ଷରେ ଦାୟୀ ଅଟେ। ଏବେ ଆର୍ଥିକ ଯୁଦ୍ଧ ଏତେ ଭୟଙ୍କର ସ୍ତରକୁ ଚାଲି ଯାଇଛି ଯେ ଏହାକୁ ସମାପ୍ତ କରି ମୁକ୍ତ ବାଣିଜ୍ୟ ପ୍ରତିଷ୍ଠା କରିବା ଆଉ ସମ୍ଭବପର ନୁହେଁ। ବର୍ତ୍ତମାନ ସ୍ଥିତିରେ ଚୀନ ପଛ ଘୁଞ୍ଚା ଦେବା ନୀତିରେ ନାହିଁ। ଅଧିକ ଆକ୍ରମକ ନୀତି ଗ୍ରହଣ କରି ବିଶ୍ୱ ବଜାର ଦଖଲ ପାଇଁ ଗୋଟିଏ ପରେ ଗୋଟିଏ ନୀତି ତିଆରି କରୁଛି। ବିଶେଷକରି ଚୀନର ଆର୍ଥିକ ସାମ୍ରାଜ୍ୟବାଦ ଏପରି ଏକ ବ୍ୟବସ୍ଥାକୁ ସମାପ୍ତ କରିବା ପାଇଁ ଦାୟୀ ବୋଲି କୁହାଯାଇପାରିବ। ତେଣୁ ସମ୍ପୂର୍ଣ୍ଣ ବିଶ୍ୱକୁ ଏପରି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ।

# ' ଆମ ବ୍ରହ୍ମାଣ୍ଡ ପ୍ରଣାଳୀ ଓ ତାହାର ବିସ୍ମୟ ସମୟ ରହସ୍ୟ'

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ବ୍ରହ୍ମାଣ୍ଡ ପ୍ରଣାଳୀରେ ସମୟର ହିସାବ ଏକ ବିଶାଳ ଏବଂ ବିସ୍ମୟକର ଅଟେ । ଅର୍ଥାତ୍ ବ୍ରହ୍ମାଙ୍କର ଗୋଟିଏ ଦିନ ଯାହାକୁ କଳ୍ପ କୁହଯାଏ ତାହା ହଜାର ସଂଖ୍ୟାର ଚର୍ତୁଯୁଗ ତଥା ମହାଯୁଗ ସହିତ ସମାନ ଅଟେ ଏବଂ ତାଙ୍କ ରାତ୍ରିର ଅବଧି ମଧ୍ୟ ସେତିକି ଅଟେ । ଯେଉଁ ବିଜ୍ଞ ବ୍ୟକ୍ତି ଏହା ଜାଣନ୍ତି, ସେ ଦିବା ଓ ରାତିର ବାସ୍ତବିକ ସତ୍ୟତାକୁ ବୁଝିପାରନ୍ତି । ସେହିପରି ଦେବତାମାନଙ୍କର ଯଥା ଇନ୍ଦ୍ର, ବରୁଣ ଆଦିଙ୍କର ଗୋଟିଏ ଦିନ ପୃଥିବୀର ଗୋଟିଏ ବର୍ଷ ସହିତ ସମାନ । ହଜାର ମହାଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି । ବ୍ରହ୍ମାଙ୍କର ଆୟୁ ଶହେ ବର୍ଷ ଅଟେ, ଯାହା ପୃଥିବୀର ହିସାବରେ ୩୧୧ ଖର୍ବ ୪୦ ଅର୍ବ ବର୍ଷ । ବୈଦିକ ଗଣନା ଅନୁସାରେ କଳିଯୁଗ - ୪, ୩୨, ୦୦୦ବର୍ଷ, ଦ୍ୱାପର ଯୁଗ - ୮, ୬୪, ୦୦୦ବର୍ଷ, ତ୍ରେତାଯୁଗ - ୧୨, ୯୬, ୦୦୦ ବର୍ଷ, ସତ୍ୟ ଯୁଗ - ୧୭, ୨୮, ୦୦୦ବର୍ଷ । ଏ ସବୁ ଯୁଗର ବର୍ଷ ମିଶି ଅର୍ଥାତ୍ ଏକତ୍ର ହୋଇ ଏକ ମହାଯୁଗ ହୁଏ ଯାହା ୪,୩୨୦, ୦୦୦ ବର୍ଷ ଅଟେ । ୧୦୦୦ ମହାଯୁଗ ବ୍ରହ୍ମାଙ୍କର ଗୋଟିଏ ଦିନ ବା ଏକ କଳ୍ପ ଯାହା ୪, ୩୨, ୦୦, ୦୦୦, ୦୦ ବର୍ଷ ଅଟେ । ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି ମଧ୍ୟ । ବିଶ୍ୱ ବ୍ରହ୍ମାଣ୍ଡର ଅବଧି ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ସହିତ ସମାନ, ଯାହା ୩୧୧ ଖର୍ବ ୪୦ ଅର୍ବ ବର୍ଷ ଅଟେ । ବ୍ରହ୍ମା ମଧ୍ୟ ଜଣେ ଜୀବାତ୍ମା ଅଟନ୍ତି, ଯିଏ ଭଗବାନଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ କରି ଏହି ପଦ ପ୍ରାପ୍ତ କରିଛନ୍ତି । ତେଣୁ ବ୍ରହ୍ମା ମଧ୍ୟ ଜନ୍ମମୃତ୍ୟୁର ଚକ୍ରର ଅନ୍ତର୍ଭୁକ୍ତ । କିନ୍ତୁ ସେ ଅତ୍ୟନ୍ତ ଉଚ୍ଚ ଆତ୍ମା ହୋଇଥିବାରୁ , ତାଙ୍କ ଜୀବନକାଳ ସମାପ୍ତ ହେବା ପୂର୍ବରୁ ସେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କ ଲୋକ ପ୍ରାପ୍ତ କରନ୍ତି । ବେଳେବେଳେ ବ୍ରହ୍ମା ପଦ ପାଇଁ କୌଣସି ଅଧିକାରୀ ଆତ୍ମା ନ ମିଳିଲେ, ଭଗବାନ ସ୍ୱୟଂ ବ୍ରହ୍ମା ହୋଇଯାଆନ୍ତି ।

ବ୍ରହ୍ମାଙ୍କର ଦିବସ ପ୍ରାରମ୍ଭରେ, ସମସ୍ତ ପ୍ରାଣୀ ଅପ୍ରକଟ ଅବସ୍ଥାରୁ ପ୍ରକଟ ହେବାକୁ ଆରମ୍ଭ କରନ୍ତି ଏବଂ ରାତ୍ରିର ଆଗମନରେ ସମସ୍ତ ଶରୀରଧାରୀ ପ୍ରାଣୀ ପୁନର୍ବାର ସେହି ଅପ୍ରକଟରେ ସମାହିତ ହୋଇଯାଆନ୍ତି । ବ୍ରହ୍ମାଣ୍ଡର ବିସ୍ମୟକର ଜାଗତିକ ଖେଳରେ, ସେଥିରେ ଥିବା ବିଭିନ୍ନ ଲୋକ ଏବଂ ସେମାନଙ୍କର ସୌରମଣ୍ଡଳ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଚକ୍ର ମଧ୍ୟ ଦେଇ ବାରମ୍ବାର ଗତି କରିଥାଆନ୍ତି । ବ୍ରହ୍ମାଙ୍କର ଗୋଟିଏ ଦିନର ଶେଷରେ, ଯାହା ୪,୩୨,୦୦,୦୦,୦୦୦ ବର୍ଷର ଗୋଟିଏ କଳ୍ପ ଅଟେ, ମହଃ ଲୋକ ପର୍ଯ୍ୟନ୍ତ ସମସ୍ତ ସୌରମଣ୍ଡଳ ବିଲୋପ ହୋଇଯାଆନ୍ତି । ଏହାକୁ ନୈମିତ୍ତିକ ପ୍ରଳୟ ବା ଆଂଶିକ ପ୍ରଳୟ କୁହାଯାଏ । ଯେମିତି ଗୋଟିଏ ପିଲା ଦିନବେଳେ ଖେଳନାର କେତେ ଆକୃତି ଗଢିଥାଏ ଏବଂ ଶୋଇବା ପୂର୍ବରୁ ତାକୁ ଭାଙ୍ଗି ଦିଏ, ସେହିପରି ବ୍ରହ୍ମା ଜାଗ୍ରତ ହେଲେ ଏହି ବ୍ରହ୍ମାଣ୍ଡ ଓ ସମସ୍ତ ପ୍ରାଣୀ ସମୂହର ସୃଷ୍ଟି କରନ୍ତି ଏବଂ ଶୋଇବା ପୂର୍ବରୁ ସେସବୁକୁ ଲୋପ କରି ଦିଅନ୍ତି । ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ଶେଷରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଲୁପ୍ତି ଘଟିଥାଏ । ଏହି ସମୟରେ ସମସ୍ତ ମାୟିକ ଜଗତର ଅନ୍ତ ହୋଇଯାଏ । ଅର୍ଥାତ୍ ପଂଚ ମହାଭୂତ ପଂଚ ତନ୍ ?ମାତ୍ରାରେ ଲୀନ ହୋଇଯାଏ, ପଂଚ ତନ୍ମାତ୍ର ଅହଂକାରରେ ଲୀନ ହୁଏ, ଅହଂକାର ମହାନରେ ଲୀନ ହୁଏ ଏବଂ ମହାନ ପ୍ରକୃତିରେ ଲୀନ ହୁଏ । ପ୍ରକୃତି ମାୟିକ ବା ମାୟା ଶକ୍ତିର ସୂକ୍ଷ୍ମ ରୂପ ଅଟେ । ମାୟା ନିଜର ମୌଳିକ ରୂପରେ, ପରବ୍ରହ୍ମ ମହାବିଷ୍ଣୁଙ୍କ ଶରୀରରେ ଅବସ୍ଥାନ କରେ । ଏହାକୁ ପ୍ରାକୃତ ପ୍ରଳୟ ବା ମହାପ୍ରଳୟ କୁହାଯାଏ । ପୁଣି ମହାବିଷ୍ଣୁ ଯେତେବେଳେ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେ ପ୍ରକୃତି ରୂପରେ ଥିବା ମାୟିକ ଶକ୍ତି ପ୍ରତି ଦୃଷ୍ଟିପାତ କରନ୍ତି ଏବଂ ତାଙ୍କର ଦୃଷ୍ଟି ମାତ୍ରେ ଏହା ପୁଣି ପ୍ରକାଶିତ ହେବାରେ ଲାଗେ । ପ୍ରକୃତିରୁ ମହାନ ଉତ୍ପନ୍ନ ହୁଏ । ମହାନରୁ ଅହଂକାର, ଅହଂକାରରୁ ପଂଚ ତନ୍ମାତ୍ରା ଏବଂ ପଂଚ ତନ୍ମାତ୍ରାରୁ ପଂଚ ମହାଭୂତ ଉତ୍ପନ୍ନ ହୁଅନ୍ତି । ଏହିପରି ଭାବରେ ଅସଂଖ୍ୟ ବିଶ୍ୱର ସୃଷ୍ଟି ହୋଇଥାଏ ।

ଆଧୁନିକ ବୈଜ୍ଞାନିକ ମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି । ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି । ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି । ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି । ଏହିପରି ଭାବରେ ବ୍ରହ୍ମାଙ୍କର ୧୦୦ବର୍ଷ ଭଗବାନଙ୍କର ଗୋଟିଏ ନିଶ୍ୱାସ/ପ୍ରଶ୍ୱାସ ସହିତ ସମାନ । ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଏବଂ ଜଣେ ଶଙ୍କର ଅଛନ୍ତି । ସୁତରାଂ ଅନନ୍ତ ବ୍ରହ୍ମାଣ୍ଡରେ ଅନନ୍ତ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଅଛନ୍ତି । ପ୍ରତ୍ୟେକ ବ୍ରହ୍ମାଣ୍ଡର ବିଷ୍ଣୁ ମହାବିଷ୍ଣୁଙ୍କର ସ୍ୱରୂପ ଅଟନ୍ତି ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଭଗବାନଙ୍କ ସ୍ମରଣ ଓ ଚିନ୍ତନର ପ୍ରତିଫଳନ

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହାହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇଲା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍ ?ଭ୍ରାନ୍ତ କରେ। ଫଳତଃ ସେ ଭୁଲ୍ବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତାର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ସୁପ୍ରଭାତ' କହିବା ଶିଖେଇ ଦେଇପାରିବା । କିନ୍ତୁ ଯଦି ଆମେ ତାର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତାର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ । ସେହିପରି,ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ । ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ । ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ ।

କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ । ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ । ସ୍କନ୍ଧ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ୍ୟ ଅଟେ । ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ । ମନ ଭଗବାନଙ୍କର ଚିନ୍ତନ କରିବା ପାଇଁ ବ୍ୟକ୍ତିର ଅନ୍ତଃକରଣ ଭଗବାନଙ୍କଠାରେ ସଂଯୁକ୍ତ ରହିବା ଆବଶ୍ୟକ । ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ । ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ । ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଆହାର ଉପରେ ପାହାର

ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଏକ ଲୋକକଥା ଅଛି – ଚିତ୍ ଭି ମେରି, ପଟ୍ ଭି ମେରି, ଔର ଅଣ୍ଡା ମେରା ବାପ୍‌କା। ଅର୍ଥାତ୍ ଯେକୌଣସି ସ୍ଥିତିରେ ଫାଇଦାରେ ମୁଁ ହିଁ ରହିବି, ଆଉ ଯାହାର ଯାହା ହେଉ ପଛେ। ବୋଧହୁଏ କେନ୍ଦ୍ର ସରକାର ଏହି ନୀତିକୁ ଆପଣେଇ ନେଇଛନ୍ତି, ବିଶେଷକରି ଇନ୍ଧନ ଦର ନିୟନ୍ତ୍ରଣ ପ୍ରସଙ୍ଗରେ। ମହଙ୍ଗାର କୋରଡ଼ା ମାଡ଼ ଖାଉଟି ଯେତେ ଖାଉ ପଛେ ରାଜକୋଷ ବୃଦ୍ଧି ପାଇବା ଏବଂ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି କରିବାର ଶ୍ରେୟ ସରକାର ନେବା ଦରକାର। ଏହି ନୀତିରେ ଖାଉଟି ଦିନକୁ ଦିନ ଶୋଷିତ ହୋଇଚାଲିଛି ଏବଂ ଗତ ୧୧ ବର୍ଷ ଭିତରେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଉତ୍ପାଦନ ଶୁଳ୍କ ୧୪ ଥର ବଢ଼ିଛି। ତା'ସହିତ କୃଷି ସେସ୍, ଭିତ୍ତିଭୂମି ସେସ୍ ସାମିଲ୍ ଅଛି। ଏବେ ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଆଗକୁ ଆହୁରି କମିବାର ସମ୍ଭାବନା ସ୍ପଷ୍ଟ ହୋଇଛି। ଅଥଚ ଏହାର ଫାଇଦା ଖାଉଟି ପାଖରେ ପହଞ୍ଚିବା ଦୂରେ ଥାଉ ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଅତିରିକ୍ତ ଉତ୍ପାଦନ ଶୁଳ୍କ ଲାଗୁ କରିଛନ୍ତି। ଏହି ବର୍ଦ୍ଧିତ ଶୁଳ୍କକୁ ତୈଳ ଆବଣ୍ଟନକାରୀ କମ୍ପାନୀମାନେ ନିଜେ ବହନ କରିବେ ବୋଲି ଘୋଷଣା କରିଥିଲେ ମଧ୍ୟ ତାହା ଯେ ଖାଉଟିଙ୍କ ଉପରକୁ ଆଉ କିଛିଦିନ ପରେ ଠେଲି ନ ଦେବେ ସେହି ବିଶ୍ୱାସ ଆପାତତଃ ଭାରତ ଇତିହାସରେ ବିରଳ। ଏବେ ଉଚ୍ଚା ଇନ୍ଧନ ମୂଲ୍ୟର ପ୍ରଭାବ ଖାଉଟି ବଜାର ଉପରେ ପଡ଼ିଛି। ବିଚରା ଖାଉଟି ମହଙ୍ଗା ମାଡ଼ରେ ପ୍ରତିଦିନ କ୍ଷତାକ୍ତ ହୋଇଚାଲିଛି। ବୋଧହୁଏ ଏହା ଯଥେଷ୍ଟ ନଥିଲା ଯେ ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ଘରୋଇ ଗ୍ୟାସ ବା ଏଲ୍ ? ?ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ଲେଖାଏଁ ବଢ଼ିଛି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ଭାରତୀୟ ବଜାର ଉପରେ ଏହି ପ୍ରତିଲୋମାନୁପାତି ପ୍ରଭାବରୁ ତୈଳ ବିତରଣ ସଂସ୍ଥାଙ୍କ ସାଧୁତା କେତେ ତାହା ବିସ୍ତାରି କହିବାର ଆବଶ୍ୟକତା ନାହିଁ।

ଯେତେବେଳେ ଇନ୍ଧନ ବିତରଣ ସଂସ୍ଥାଙ୍କ ସାଧୁତା ପ୍ରସଙ୍ଗ ଉଠୁଛି ସେତେବେଳେ ଏ କଥା ମଧ୍ୟ ସୂଚାଇ ଦେବା ଉଚିତ ହେବ ଯେ ଦର ବୃଦ୍ଧି ଘୋଷଣା ହେବା ସହିତ ଖାଉଟି ଅଧିକାର, ଖାଉଟି ସୁରକ୍ଷା ଓ ବ୍ୟବସାୟିକ ନୈତିକତା ଆଦି ପ୍ରସଙ୍ଗ ଗୌଣ ହୋଇଯାଏ। ଏ କ୍ଷେତ୍ରରେ ସର୍ବାଧିକ ଲାଭ ହୁଏ ଏଲ୍‌ପିଜି ବା ରୋଷେଇ ଗ୍ୟାସ୍ ସିଲିଣ୍ଡରରୁ। ଅକାରଣ ଦର ବୃଦ୍ଧି ଜରିଆରେ ସେମାନେ ଯାହା ଲାଭ ଉଠାନ୍ତି ତାହା ଭିନ୍ନ କଥା। କିନ୍ତୁ ଦର ବୃଦ୍ଧି ଘୋଷଣା ଓ ଯୋଗାଣ ଅବଧିର କିଛି ଘଣ୍ଟା ମଧ୍ୟରେ ସଂସ୍ଥାମାନେ ପ୍ରଚୁର ଲାଭ ଅନୈତିକ ଭାବେ ଉଠାଇ ନିଅନ୍ତି। ସାଧାରଣତଃ, ଯେଉଁ ଉପଭୋକ୍ତାମାନେ ଦରବୃଦ୍ଧି ଘୋଷଣା ପୂର୍ବରୁ ସିଲିଣ୍ଡର ରିଫିଲ୍ ପାଇଁ ଆବେଦନ ବା ଅନୁରୋଧ ପଞ୍ଜିକରଣ କରିସାରିଛନ୍ତି ଏବଂ ସେହି ଆବେଦନ ଆଧାରରେ ଇନ୍‌ଭଏସ୍ ବା ଦେୟ ଚିଠା ପ୍ରସ୍ତୁତ ହୋଇ ଗ୍ରାହକଙ୍କ ପାଖକୁ ପଠାଇ ଦିଆଯାଇସାରିଛି ସେମାନଙ୍କ ପାଇଁ ବର୍ଦ୍ଧିତ ଦର ଲାଗୁ ହେବା କଥା ନୁହେଁ। କିନ୍ତୁ ଇନ୍ଧନ ବିତରକମାନେ ରାତାରାତି ଇନ୍‌ଭଏସ୍‌କୁ ବାତିଲ୍ କରି ବର୍ଦ୍ଧିତ ଦରରେ ସାନି ଇନ୍‌ଭଏସ୍ ପ୍ରସ୍ତୁତ କରି ଗ୍ରାହକଙ୍କୁ ବର୍ଦ୍ଧିତ ଦରରେ ଗ୍ୟାସ୍ କିଣିବାକୁ ବାଧ୍ୟ କରିବାର ଧାରା ଗତ କିଛିବର୍ଷ ହେଲା ଜାରି ରହିଛି। ଏହି ତଞ୍ଚକତା ବଳରେ ସେମାନେ ପ୍ରଚୁର ମୁନାଫା ଅର୍ଜନ କରୁଥିବା ବେଳେ ବିଚରା ଖାଉଟି ପାଇଁ ଉପଭୋକ୍ତା ଆଇନ, ନିୟମ, କାନୁନ ଆଦି ଧର୍ମକୁ ଆଖିଠାର ମାରିବା ଭଳି ରହିଯାଏ। ଗ୍ୟାସ୍ ବିତରକମାନେ ଭଲ ଭାବରେ ଜାଣିଛନ୍ତି ଯେ ଆଜିର ବ୍ୟସ୍ତବହୁଳ ଦୁନିଆରେ ସାଧାରଣ ଖାଉଟିଟିଏ ଉପଭୋକ୍ତ ଅଦାଲତର ଝଞ୍ଜଟ ଭିତରକୁ ଯିବ ନାହିଁ କି ସେମାନଙ୍କ ଉପରେ ଜୋରିମାନା ହେବ ନାହିଁ। ଖାଉଟିଙ୍କ ଏହି ଉଦାସୀନତା ତୈଳ ବିତରକଙ୍କୁ ଏବଂ ପରୋକ୍ଷରେ ସରକାର ବାହାଦୂରଙ୍କୁ ସୁହାଉଛି।

ଏବେ ଜନସାଧାରଣ ବା ସାଧାରଣ ଖାଉଟିଙ୍କ କ୍ଷତାକ୍ତ ମନରେ କ୍ଷୀଣ ଓ କ୍ଷୁବ୍ଧ ପ୍ରତିବାଦର ସ୍ୱରଟିଏ ଉଠୁଛି ଯେ ହାଣ୍ଡିଶାଳ ଆଉ କେତେ ବୋଝ ମୁଣ୍ଡାଇବ ଚାଉଳ, ଡାଲି, ତେଲ, ପନିପରିବା, ଚିନି, ମସଲା ଦରଦାମ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଇନ୍ଧନ ମୂଲ୍ୟ ଆକାଶ ଛୁଆଁ ହେଲାଣି। ଏଥିସହିତ ଏବେ ଏଫ୍‌ଏମ୍‌ସିଜି କମ୍ପାନୀମାନେ ଯେଉଁ ଧୂର୍ତ୍ତ କୌଶଳଟି ଆପଣେଇଛନ୍ତି, ତାହା ଖାଉଟିଙ୍କୁ ଜଳକା କରିବା ପାଇଁ ଯଥେଷ୍ଟ। ସ୍କ୍ରିଙ୍କଫ୍ଲେସନ୍ ? ? ନାମକ ଏହି କୌଶଳରେ ଗୋଟିଏ ପ୍ୟାକେଟ୍‌ର ଦାମ ସ୍ଥିର ରଖି ବା ସାମାନ୍ୟ ବୃଦ୍ଧି କରି ପରିମାଣ ହ୍ରାସ କରିଦିଆଯାଏ, ଯାହା ହଠାତ୍ ଖାଉଟିଙ୍କ ଦୃଷ୍ଟି ଆକର୍ଷଣ କରିପାରେ ନାହିଁ। ତେଣୁ ଏବେ ବଜାରରେ ବିଭିନ୍ନ ଖାଉଟି ସାମଗ୍ରୀର ୧ କେଜି ବଦଳରେ ୮୦୦/୯୦୦ ଗ୍ରାମ କିମ୍ବା ୧ଲିଟର ବଦଳରେ ୮୦୦ ମିଲିଲିଟର ବିଶିଷ୍ଟ ପ୍ୟାକେଟ୍ ଆମେ କିଣୁଥିଲେ ମଧ୍ୟ ଏ ବିଷୟରେ ପ୍ରତିବାଦ କରିବା ଦୂରେ ଥାଉ ଆମ ପାଖରେ ସୂଚନା ମଧ୍ୟ ନାହିଁ। ସରକାର ବାହାଦୂର ଆମ ମାନସିକତାକୁ ପଢ଼ିବାରେ ଆଦୌ ଭୁଲ୍ କରିନାହାନ୍ତି ଯେ ଭାରତର ଜନସାଧାରଣ ହିଟ୍‌ଲରଙ୍କ ସେହି କୁକୁଡ଼ା ଭଳି ହୋଇସାରିଛନ୍ତି, ଯେଉଁମାନଙ୍କୁ ମାଗଣା ରାସନ୍‌ର ଥୋପ ଦେଇ ଯେତେ ଯନ୍ତ୍ରଣା ଦେଲେ ଓ ଶୋଷଣ କଲେ ମଧ୍ୟ ପାଟି ଖୋଲିବେ ନାହିଁ, ବରଂ କ୍ଷତାକ୍ତ ଓ ଯନ୍ତ୍ରଣାସିକ୍ତ ଶରୀର ନେଇ ଖାଦ୍ୟଦାତାଙ୍କ ପଛେ ପଛେ ଧାଇଁ ଚାଲିଥିବେ। ସରକାର ବାହାଦୂରଙ୍କୁ ଏ କଥା ଆମେ ବୁଝାଇବାର ଧୃଷ୍ଟତା କରୁନାହୁଁ ଯେ ପନିପରିବା, ଫଳମୂଳ ଓ ରାସନ୍ ସାମଗ୍ରୀର ଦର ବୃଦ୍ଧିରେ କେବଳ ଖାଉଟିମାନେ ଅତିଷ୍ଠ ହୁଅନ୍ତି ନାହିଁ, ଏହାର ପ୍ରଭାବ ସାମଗ୍ରିକ ଭାବେ ଅର୍ଥନୀତି ଉପରେ ପଡ଼େ। ମୁଦ୍ରାସ୍ଫୀତି ପରିସଂଖ୍ୟାନରେ ଖାଦ୍ୟ ସାମଗ୍ରୀ ମୂଲ୍ୟସୂଚୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବାରୁ ଡାଲି, ଚାଉଳ, ପନିପରିବା ଆଦିର ଦର ବୃଦ୍ଧି ଘଟିଲେ ଖାଉଟି ମୁଦ୍ରାସ୍ଫୀତି ଅଂଶ ବଢ଼େ। ଏହି ଦର ବୃଦ୍ଧିରେ ଇନ୍ଧନ ଦର ବିଭିନ୍ନ ପରିବହନ ଖର୍ଚ୍ଚର ଏକ ବଡ଼ ଅଂଶ ରହୁଥିବାରୁ ଇନ୍ଧନ ଦର ବଢ଼ିଲେ ଚାହିଦା-ଯୋଗାଣ ସମତୁଲ ଥାଇ ମଧ୍ୟ ଖାଉଟି ବଜାର ମହଙ୍ଗା ହୁଏ।

# କେତେ ସୁରକ୍ଷିତ ଆମଦେଶର କୃଷକ

ଭାରତରେ ମୋଟ କାର୍ଯ୍ୟବଳର ୪୫.୫% କୃଷିକ୍ଷେତ୍ରରେ ନିୟୋଜିତ ଏବଂ ଦେଶର ସାମଗ୍ରିକ ଘରୋଇ ଉତ୍ପାଦକୁ କୃଷିର ଅବଦାନ ୧୫%। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ୨୦୧୮-୧୯ରେ ଦେଶର ମୋଟ ଚାଷୀ ପରିବାର ୯୩.୦୯ ନିୟୁତ ଏବଂ କୃଷକ ସଂଖ୍ୟା ୧୫୦ ନିୟୁତ ବୋଲି ଦର୍ଶାଇଛନ୍ତି। ଏଥିରୁ ପ୍ରାୟ ୮୦% କ୍ଷୁଦ୍ର ଓ ନାମମାତ୍ର କୃଷକ। ଏହି କୃଷକ ସମ୍ପ୍ରଦାୟର ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ହତାଶା ଭାବ ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ କୃଷକ ଆତ୍ମହତ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ନିକଟରେ ଖବର ପ୍ରକାଶ ପାଇଛି ଯେ ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଦୈନିକ ଆଠଜଣ କୃଷକ ଆତ୍ମହତ୍ୟା କରୁଛନ୍ତି। ଆମ ଦେଶରେ କୃଷକ ଆତ୍ମହତ୍ୟା ସମସ୍ୟା ଗମ୍ଭୀର। ଏନ୍‌ସିଆର ବି ତଥ୍ୟ ଅନୁଯାୟୀ ୧୯୯୫ରୁ ୨୦୧୪ ମଧ୍ୟରେ ୨, ୯୬, ୪୩୮ କୃଷକ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୨୦୧୪ ରୁ ୨୦୨୨ ମଧ୍ୟରେ ୧, ୦୦, ୪୭୨। ୨୦୨୨ ରେ ଏହା ଥିଲା ୧୧, ୨୯୦। ଏଥିରୁ ଧରିନେବାକୁ ହେବ ଯେ ଭାରତରେ ବାର୍ଷିକ ଅନ୍ୟୂନ ୧୧, ୦୦୦ କୃଷକ ଆତ୍ମହତ୍ୟା କରୁଛନ୍ତି। ଏପରି ଦୁଃଖଦାୟକ ସମ୍ବାଦ ପାଇଁ ନାଗରିକମାନେ କେତେ ସଚେତନ ତାହା ଏକ ବଡ଼ ପ୍ରଶ୍ନ। କୃଷକ ଆତ୍ମହତ୍ୟାର କାରଣ ବିଷୟରେ ବହୁ ଅନୁଷ୍ଠାନ, ଗବେଷକ ଓ ସାମାଜିକ କର୍ମୀ ଅନୁଧ୍ୟାନ କରିଛନ୍ତି। ମତ ପ୍ରକାଶ ପାଇଛି ଯେ କୃଷକ ଆତ୍ମହତ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲ ହାନି, ଋଣବୋଝ, ଫସଲର ଅଭାବୀ ବିକ୍ରି, ଅଧିକ ଚାଷ ଖର୍ଚ୍ଚ, ରାସାୟନିକ କୃଷିର ବିଫଳତା ଏବଂ କୃଷି ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି। ଅନେକଚାଷୀ ବିହନ, ସାର ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ଆନୁଷ୍ଠାନିକ କିମ୍ବା ମହାଜନଙ୍କଠାରୁ ଋଣ ନିଅନ୍ତି। କିନ୍ତୁ ଅଭାବୀ ବିକ୍ରି ଯୋଗୁଁ ଠିକ୍ ସମୟରେ ଋଣ ପରିଶୋଧ କରିପାରନ୍ତି ନାହିଁ। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ଉପଭୋକ୍ତା ଯେଉଁ ମୂଲ୍ୟରେ ପନିପରିବା ଓ ଫଳ କିଣେ ତାହାର ମାତ୍ର ୩୫% ଚାଷୀଙ୍କ ହାତକୁ ଯାଏ।

କୃଷି ମୁଖ୍ୟତଃ ମୃତ୍ତିକା, ଜଳବାୟୁ, ଜଳ ଓ ବଜାର ଉପରେ ନିର୍ଭରଶୀଳ। ଯେତେବେଳେ ମରୁଡ଼ି, ବନ୍ୟା, କୀଟ ଉପଦ୍ରବ ଓ ବାତ୍ୟା ଇତ୍ୟାଦି ସମସ୍ୟା ଉପୁଜେ ସେତେବେଳେ ଚାଷୀ ଅନେକ କ୍ଷତି ସହେ। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ହୁଏତ ସେ କରଜ କରେ କିମ୍ବା ଦେଶାନ୍ତରୀ ହୁଏ। ଭଲ ଫସଲ ଅମଳ ହେଲେ ବି ଚାଷୀର ଦୁଃଖ ଲାଘବ ହୋଇ ନ ପାରେ ଯଦି ତା'କୁ ଉପଯୁକ୍ତ ବଜାର ମୂଲ୍ୟ ନ ମିଳେ। କେତେକ ଚାଷୀ ଫସଲ ଅମଳ ନ କରି ମାଟିରେ ମିଶାଇବା କିମ୍ବା ଗାଈ ଗୋରୁଙ୍କୁ ଖୁଆଇବା ସମ୍ବାଦ ପ୍ରକାଶ ପାଏ। ଏପରି ସ୍ଥଳେ ଆବଶ୍ୟକ ପଡ଼େ ଚାଷୀଙ୍କୁ ସୁବିଧାରେ କୃଷିସାମଗ୍ରୀ, କୃଷିଋଣ, ଜଳସେଚନ, ରାସାୟନିକ ସାର ଯୋଗାଣ, ଲାଭଜନକ ମୂଲ୍ୟ ଓ ଫସଲ ବୀମା। ଯେତେବେଳେ ଚାଷୀଟିଏ ଏଥିରୁ ବଞ୍ଚିତ ହୁଏ ଏବଂ ଘର ଚଳାଇବା ପାଇଁ ଅସମର୍ଥ ହୁଏ ସେତେବେଳେ ତା'ପାଇଁ ହୁଏତ ଆତ୍ମହତ୍ୟା ଏକ ବାଧ୍ୟବାଧକତା ହୋଇଯାଏ। ଏହାକୁ ଅଧିକ ଦୃଢ଼ୀଭୂତ କରେ ତାହାର ଦୁର୍ବଳ ମାନସିକତା ଓ ନିରାଶା ଭାବ। ବେଳେବେଳେ ସରକାରୀ ନୀତି ଚାଷୀଙ୍କ ହିତରେ ଯାଇ ନ ଥାଏ। ଆଉ ମଧ୍ୟ କେତେକ କ୍ଷେତ୍ରରେ ପାରିବାରିକ ସମସ୍ୟା ହିସାବରେ ପିଲାମାନଙ୍କ ବିବାହ, ଚିକିତ୍ସା ଓ ଋଣଗ୍ରସ୍ତତା ଚାଷୀକୁ ବିବ୍ରତ କରେ। ଭାରତରେ ପ୍ରାୟ ୪୮.୬% ଚାଷୀ ଋଣଗ୍ରସ୍ତ ଓ ଋଣଗ୍ରସ୍ତ ପରିବାର ପିଛା ଋଣ ବୋଝ ୨୬୯୮୧ ଟଙ୍କା। ୨୦୧୯ ତଥ୍ୟ ଅନୁସାରେ ପ୍ରତି ଋଣଗ୍ରସ୍ତ ପରିବାର ହାରାହାରି ୧, ୭୦, ୫୩୫ ଟଙ୍କା ଋଣ ନେଇଥିଲେ। ଅପରପକ୍ଷରେ କୃଷି ଆଉ ଏକ ଲାଭଦାୟକ ପେସା ହୋଇପାରୁନାହିଁ। ସ୍ୱାମୀନାଥନ କମିଶନ ରିପୋର୍ଟ ୨୦୦୬ ଅନୁଯାୟୀ ବିକଳ୍ପ ପାଇଲେ ୪୦% କୃଷକ ଚାଷକାର୍ଯ୍ୟ ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଭାରତରେ କୃଷକଙ୍କ ମାସିକ ଆୟ ୨୦୧୮-୧୯ ରେ ମାତ୍ର ୧୦, ୨୧୮ ଟଙ୍କା, ଯାହାକି ପରିବାର ଚଳାଇବା ପାଇଁ ଯଥେଷ୍ଟ ନୁହଁ। ରାଜ୍ୟୱାରୀ ମଧ୍ୟ ଏହି ଆୟରେ ବହୁ ତାରତମ୍ୟ ରହିଛି। ପଞ୍ଜାବରେ ଏହା ୨୬, ୭୦୧ ଟଙ୍କା ଥିବା ବେଳେ ଝାଡ଼ଖଣ୍ଡରେ ୪, ୮୯୫ ଟଙ୍କା।

କୃଷକଙ୍କ ଆୟ ୭ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ସରକାର ଅଶୋକ ଦଲବାଇ କମିଟି ରିପୋର୍ଟ କାର୍ଯ୍ୟକାରୀ କରିଥିଲେ ମଧ୍ୟ ଏହା ୨୦୨୩ ସୁଦ୍ଧା ସଫଳ ହୋଇ ପାରିନାହିଁ। ଅନ୍ତର୍ଜାତୀୟ ପରିବେଶ ଉନ୍ନୟନ ଅନୁଷ୍ଠାନ ଗବେଷଣାରୁ ଜଣାପଡ଼ିଛି ଯେ ବୃଷ୍ଟିହାନି ସହିତ କୃଷକ ଆତ୍ମହତ୍ୟାର ସମ୍ପର୍କ ଅଛି। ଏହି ଅନୁଷ୍ଠାନ ତଥ୍ୟରୁ ଆହୁରି ମଧ୍ୟ ଜଣାଯାଏ ଯେ ଏମ୍‌ନରେଗା ଯୋଜନାରେ କାର୍ଯ୍ୟଦିବସ ୫୦ ନିୟୁତରୁ ୧୫୦ ନିୟୁତକୁ ବୃଦ୍ଧି କଲେ କୃଷକ/କୃଷି ଶ୍ରମିକ ମୃତ୍ୟୁ ସଂଖ୍ୟା ବାର୍ଷିକ ୧୮୦୦ ରୁ ୩୯୮କୁ ହ୍ରାସ ପାଇବ। ଯେହେତୁ କୃଷକଙ୍କ ଅପେକ୍ଷା କୃଷିଶ୍ରମିକ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରନ୍ତି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବିକଳ୍ପ କର୍ମଯୋଗାଣ ଏବଂ କୃଷକମାନଙ୍କୁ ଫସଲ ବୀମା ସହିତ ଅନ୍ୟାନ୍ୟ ଆର୍ଥିକ ସହାୟତା ଆବଶ୍ୟକ। କୃଷକ ବା କୃଷି ଶ୍ରମିକ ଆତ୍ମହତ୍ୟା କଲେ ସାରା ପରିବାର କ୍ଷତିଗ୍ରସ୍ତ ହୁଅନ୍ତି। ଗାଁ ମହାଜନ ଦାଉ ସାଧନ୍ତି। କୃଷକ ଆତ୍ମହତ୍ୟା ସମସ୍ୟାର ସମାଧାନ ପାଇଁ ୨୦୦୬ ରିଲିଫ ପ୍ୟାକେଜ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ କେରଳ ପାଇଁ ସ୍ୱତନ୍ତ୍ର ଭାବରେ କରାଯାଇଥିଲା। ବିଧର୍ଭ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କୃଷିଋଣ ବଣ୍ଟନ ମଧ୍ୟ କରାଯାଇଥିଲା। ୨୦୦୮ ମସିହାରେ ଭାରତ ସରକାର ଋଣଛାଡ଼ ଘୋଷଣା କଲେ। ଏହାପରେ ମହାରାଷ୍ଟ୍ର ରିଲିଫ ପ୍ୟାକେଜ ୨୦୧୦ ଓ କେରଳ ଫାର୍ମରଣ ରିଲିଫ୍ ୨୦୧୨ ମସିହାରେ ଘୋଷଣା କରାଗଲା। ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ବିଶେଷ ହ୍ରାସ ପାଇଲା ନାହିଁ। ଜାତୀୟ କୃଷକ କମିଶନ ୨୦୦୬ (ସ୍ୱାମୀନାଥନ କମିଶନ) ରିପୋର୍ଟ ଅନୁଯାୟୀ ସରକାର ହାରାହାରି ଚାଷଖର୍ଚ୍ଚର ଦେଢ଼ଗୁଣ ହିସାବରେ ୨୩ଟି ମୁଖ୍ୟ କୃଷିଉତ୍ପାଦ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଉଭୟ ଖରିଫ୍ ଓ ରବି ଋତୁ ପୂର୍ବରୁ ଘୋଷଣା କରିବା ସହିତ ଏହି ମୂଲ୍ୟରେ ଚାଷୀଙ୍କଠାରୁ ସଂଗ୍ରହ କରୁଛନ୍ତି। ସିଧାସଳଖ ଚାଷୀଙ୍କୁ ଉପକୃତ କରିବା ପାଇଁ ପ୍ରଧାନମନ୍ତ୍ରୀ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷିସିଞ୍ଚାଇ ଯୋଜନା, କିଷାନ କ୍ରେଡିଟକାର୍ଡ, ସମନ୍ୱିତ ଉଦ୍ୟାନ ବିକାଶ ମିଶନ୍, ଜୈବିକ କୃଷି ମିଶନ୍, କୃଷି ଭିତ୍ତିଭୂମି ପାଣ୍ଠି, ରାସାୟନିକ ସାର ଉପରେ ରିହାତି, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଇତ୍ୟାଦି ଯୋଜନା କରିଛନ୍ତି। ଏହାସତ୍ତ୍ୱେ କୃଷକ ଆତ୍ମହତ୍ୟା ସମସ୍ୟା ସମାଧାନ ହେଉନାହିଁ।

ବିଭିନ୍ନ ଗବେଷଣା ସଂସ୍ଥା ଓ ବିଶେଷଜ୍ଞଙ୍କ ମତ ସମେତ କ୍ଷେତ୍ର ଅନୁଧ୍ୟାନ ଅନୁଭୂତି ଆଧାରରେ ଏହି ସମସ୍ୟାର ସମାଧାନ ପାଇଁ କେତେକ ପରାମର୍ଶ ଗ୍ରହଣ କରାଯାଇପାରେ। କୃଷକ ଆତ୍ମହତ୍ୟାର ବଡ଼ କାରଣ ଋଣବୋଝ ହୋଇଥିବାରୁ ଋଣଛାଡ଼, ଋଣ ପରିଶୋଧ ସ୍ଥଗିତ ରଖିବା, ସ୍ୱଳ୍ପ ସୁଧରେ କୃଷି ଋଣ ଯୋଗାଣ ଏବଂ କୃଷିବୀମାର ନିଶ୍ଚିତତା ଅନେକାଂଶରେ ସମସ୍ୟାର ସମାଧାନ କରିପାରିବ। ଏହାଛଡ଼ା ଅଭାବୀ ବିକ୍ରି ସମସ୍ୟାର ସମାଧାନ ନିମନ୍ତେ ଫସଲର ବିବିଧିକରଣ, ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହଣ, ସରକାରୀ ଶୀତଳଭଣ୍ଡାର ସ୍ଥାପନ, ପ୍ରକ୍ରିୟାକରଣ ଓ ରପ୍ତାନୀ ପାଇଁ ପଦକ୍ଷେପ ଜରୁରୀ। କୃଷକ ଉତ୍ପାଦନ ସଂଗଠନ କୃଷକ ଗୋଷ୍ଠୀମାନଙ୍କୁ ସହାୟତା ଯୋଗାଇ ପାରିବେ ଯେପରି ମହାରାଷ୍ଟ୍ରର ଶେଷାଦ୍ରୀ କୃଷକ ଉତ୍ପାଦନ ସଂଗଠନ ଏକ ଅଗ୍ରଣୀ ଭୂମିକା ନେଉଛି। କୃଷକ ଓ କୃଷିଶ୍ରମିକମାନେ ବର୍ଷସାରା କାମ ପାଉ ନ ଥିବାରୁ ସେମାନଙ୍କୁ କୌଶଳ ବିକାଶ ପ୍ରଶିକ୍ଷଣ ଦେଇ ବିକଳ୍ପ କର୍ମନିଯୁକ୍ତି ବ୍ୟବସ୍ଥା କଲେ ସେମାନଙ୍କ ମନୋବଳ ବୃଦ୍ଧି ହେବ। ଏଥିପାଇଁ ସମ୍ପ୍ରସାରଣ ଅଧିକାରୀ ଓ ଗବେଷକମାନେ ଚାଷୀଙ୍କ ନିକଟକୁ ଯାଇ ସେମାନଙ୍କୁ ନୂତନ ଚାଷକୌଶଳ ସମେତ ବିଭିନ୍ନ ଅର୍ଥକରୀ ଫସଲ ସମ୍ବନ୍ଧରେ ପରାମର୍ଶ ଓ ପ୍ରଶିକ୍ଷଣ ଏବଂ ମନସ୍ତାତ୍ତ୍ୱିକ ସ୍ତରରେ ସହାୟତା ଦେବା ବିଧେୟ। ଭୂସଂସ୍କାର ଓ ଭାଗଚାଷୀ ଆଇନ୍‌କୁ ସମ୍ପୂର୍ଣ୍ଣ କରିବା ଦାୟିତ୍ୱ ସରକାରଙ୍କର। ଯେହେତୁ ମୋଟ କୃଷକ ଆତ୍ମହତ୍ୟାର ୭୫% କ୍ଷୁଦ୍ର ଓ ନାମମାତ୍ର ଚାଷୀ, ସେମାନଙ୍କୁ ସୁହାଇବା ଭଳି କୃଷି ନୀତି ପ୍ରବର୍ତ୍ତନ ହେବା ବାଞ୍ଛନୀୟ। ସରକାର, ବେସରକାରୀ ସଂସ୍ଥା, କୃଷକ ଗୋଷ୍ଠୀ, କୃଷକ ଉତ୍ପାଦନ ସଂଗଠନ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏପରି ସମସ୍ୟାର ସମାଧାନ ସହଜ ହେବ। 'ଚାଷ ଅଛି ଯାହାର କି ଆନନ୍ଦ ତାହାର, ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର' ବାସ୍ତବ ରୂପ ନେବ। ଏହା ନିଶ୍ଚିତ କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ।

ବିଦ୍ୟାଧର ମହାରଣା
ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦




# ପାଣି ଉପରେ କାର

ପାର୍କ ହେଉ ଅବା ସହରର ମୁଖ୍ୟ ସ୍ଥାନ ସୁନ୍ଦର ଆକର୍ଷକ ଫାଉଂଟେନ୍‌ଟିଏ ନିଶ୍ଚୟ ଥାଏ। ଯାହା କି ସେ ସ୍ଥାନର ଶୋଭା ବଢ଼ାଇଥାଏ। ଇଟାଲି ତ ତାର ଅତି ସୁନ୍ଦର ଫାଉଂଟେନ୍ ପାଇଁ ବେଶ୍ ପରଚିତ। ତେବେ ଏଠାରେ କିଛି ଦିନ ପୂର୍ବେ ତିଆରି ହୋଇଥିବା ଏକ ଭିନ୍ନ ଧରଣର ଫାଉଂଟେନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସ୍ପେନୀୟ ଆର୍ଟିଷ୍ଟଜୁଆନ୍ ଗାଲଡିନୋ ଏହାକୁ ତିଆରି କରିଥିଲେ। ଫାଉଂଟେନ୍‌ର ବିଶେଷତ୍ୱ ଏହା ଥିଲା କି ତା ଉପର ଭାଗରେ ଅର୍ଥାତ୍ ଉପରକୁ ଉଠୁଥିବା ଜଳର ସର୍ବୋଚ୍ଚ ଅଂଶରେ ଏକ ସୁନ୍ଦର ଲାଲରଙ୍ଗର କାର ଦେଖିବାକୁ ମିଳୁଥିଲା। ଲାଗୁଥିଲା ସତେ ଯେମିତି ଉପରକୁ ଉଠୁଥିବା ପାଣିର ଶକ୍ତି ପାଇଁ କାରଟି ଫାଉଂଟେନ୍ ଜଳ ଉପରେ ରହିଛି, ଆଉ ଧାରା ବନ୍ଦ ହୋଇଗଲେ କାରଟି ପଡ଼ିଯିବ। କିନ୍ତୁ ସେମିତି କିଛି ନୁହେଁ। ପାଣି ଭିତରେ ଥିବା ଏକ ଷ୍ଟ୍ରକ୍‌ଚର କାରକୁ ସପୋର୍ଟ ଦେଇଥିଲା। ଯଦ୍ୱାରା କାର ସନ୍ତୁଳନ ରକ୍ଷା କରି ରହିଥିଲା। କିନ୍ତୁ ତାହା ବାହାରକୁ ଆଦୌ ଜଣାପଡୁ ନଥିଲା। ଫାଉଂଟେନ୍‌ଟିକୁ ସେ ବିଶ୍ୱ ତାପନ ସମସ୍ୟା ଉପରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତିଆରି କରିଥିଲେ। ଏହା ଅଳ୍ପ କିଛି ଦିନ ପାଇଁ ଜନସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା।




# ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଫଙ୍କିଙ୍କ ଟାଟୁ

ଫ୍ଲୋରିଡ଼ାର ଜୁଆନ୍ ମତାସ୍ ଓରଫ ଫଙ୍କି ମତାସ୍ ଏବେ ତାଙ୍କ ଟାଟୁକୁ ନେଇ ବେଶ୍ ଚର୍ଚ୍ଚିତ। ଏମିତି ତ ଅନେକ ଲୋକ ଟାଟୁ କରୁଛନ୍ତି, କିନ୍ତୁ ଫଙ୍କି କରିଥିବା ଟାଟୁରେ ଅଛି କି ସ୍ୱତନ୍ତ୍ରତା। ସେଥିପାଇଁ ତ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ଫଙ୍କି ନିଜ ପିଠିରେ ଲୋକଙ୍କ ସିଗ୍‌ନେଚରର ସର୍ବାଧିକ ଟାଟୁ କରି ରେକର୍ଡ କରିଛନ୍ତି। ଏହି ସିଗ୍‌ନେଚର ମଧ୍ୟରେ ୱିଲ୍ ସ୍ମିଥ୍, ଏଲିଜାହ୍ ଉଡ୍, ମାଇକେଲ ଜେ, କ୍ରିଷ୍ଟାଫର ଲୟଡ୍, ଷ୍ଟିଭ୍ ଓ୍ୱ, ଗେରାର୍ଡ ବଟଲରଙ୍କ ଭଳି ଅନେକ ସେଲିବ୍ରିଟିଙ୍କ ସିଗ୍ନେଚର ସାମିଲ ଅଛି। ଫକି ନିଜେ ଜଣେ ଟାଟୁ ଆର୍ଟିଷ୍ଟ। ତେବେ କିଛି ଭିନ୍ନ କରିବାର ଇଚ୍ଛାରେ ସେ ନିଜ ପିଠିରେ ପରିବାର ସଦସ୍ୟ, ପ୍ରିୟ ମଣିଷ, ବିଭିନ୍ନ ଟାଟୁ ଆର୍ଟିଷ୍ଟଙ୍କ ସିଗ୍ନେଚର କରାଇବାକୁ ନିଷ୍ପତି ନେଲେ। ଏହାପରେ ସେ ସେଲିବ୍ରିଟିଙ୍କ ପିଛା କରି ସେମାନଙ୍କୁ ତାଙ୍କ ପିଠିରେ ସିଗ୍ନେଚର କରାଇବାକୁ ନିଷ୍ପତି ନେଲେ। ଏହାପରେ ସେ ସେଲିବ୍ରିଟିଙ୍କ ପିଛା କରି ସେମାନଙ୍କ ତାଙ୍କ ପିଠିରେ ସିଗ୍ନେଚର କରିବାକୁ ନିବେଦନ କଲେଏ ଯଦ୍ୱାରା ସେ ସିଗ୍ନେଚର ଉପରେ ସେ ଟାଟୁ କରିପାରିବେ। ଆଉ ସିଗ୍ନେଚରଗୁଡିକ ତାଙ୍କ ପିଠିରେ ସବୁଦିନ ପାଇଁ ସ୍ଥାୟୀ ଭାବେ ରହିଯିବ। ବର୍ତମାନ ତାଙ୍କ ପିଠିରେ ୨୨୫ଜଣଙ୍କ ସିଗ୍ନେଚର ଟାଟୁ ଅଛି।

# ଷ୍ଟାଇଲିଶ ଡ୍ରେସ୍



ବିଭିନ୍ନ ଡିଜାଇନର ଡ୍ରେସ୍ ପିନ୍ଧିବାକୁ କାହାକୁ ବା ଭଲ ନ ଲାଗେ। ତେବେ କିଛି ଅଜବ ଡିଜାଇନର ବି ଡ୍ରେସ୍ ଥାଏ, ଯାହାକୁ ଅନେକ ପିନ୍ଧିବାକୁ ଇଚ୍ଛା କରିବେ ନାହିଁ। କିନ୍ତୁ ମଡେଲମାନେ ଯେତେବେଳେ ଏହି ଅଜବ ପୋଷକେ ପିନ୍ଧି ରାମ୍ପରେ ଚାଲନ୍ତି ଦେଖିବାକୁ ବେଶ୍ ଭଲ ଲାଗେ। ସେମିତି ଏକ ପୋଷାକ ତିଆରି କରିଛନ୍ତି ମାର୍ଶା ବେର୍ଲୋଚର ନାମ ଜଣେ ଡିଜାଇନର। ସେ ନିଜର କ୍ଲାସ ପ୍ରୋଜେକ୍ଟରେ ଏହାକୁ ତିଆରି କରିଥିଲେ। ଏହି ଅଜବ ପୋଷାକକୁ ସେ ୱାଇନ୍ କର୍କ ତଥା ୱାଇନ ବୋତଲ ଉପରେ ଲାଗିଥିବା କର୍କ ବା ଠିପିରେ ତିଆରି କରିଛନ୍ତି। ଏହାବାଦ୍ ସୂତା, ତାର ଓ ସୂକ୍ଷ୍ମ ପାରଦର୍ଶୀ କପଡ଼ା ବି ବ୍ୟବହାର କରିଛନ୍ତି। ପ୍ରଥମେ ସେ ପତଳା କପଡ଼ାକୁ କାଟି, ସିଲେଇ କରି ପୋଷାକର ମୂଳଦୁଆ ତିଆରି କରିଥିଲେ। ପରେ କର୍କକୁ ଛୋଟ ଛୋଟ ସିଲିଣ୍ଡର ପରି କାଟି ମଝିରେ କଣା କରି ସୂତା ପୂରାଇ ମାଳ ଭଳି କରି ପୋଷାକରେ ଭୂଲମ୍ବ ପରି ରଖି ଅଠା ଲଗାଇଥିଲେ। ଆଉ କିଛି କର୍କ ମାଳକୁ ତାରରେ ଶକ୍ତ କରି କପଡ଼ା ସହ ବାନ୍ଧିଥିଲେ। ଭିନ୍ନ ରଙ୍ଗ ପାଇବା ପାଇଁ ସେ କିଛି କର୍କକୁ ୱାଇନରେ ବୁଡ଼ାଇ ତାକୁ ଶୁଖାଇ ମଧ୍ୟ ବ୍ୟବହାର କରିଥିଲେ। ତିଆରି ହୋଇଗଲା ପରେ କର୍କର ଏହି ପୋଷାକ ଲାଗୁଥିଲା ବେଶ୍ ସୁନ୍ଦର ଓ ଷ୍ଟାଇଲିଶ୍।

# ଭିନ୍ନ ପ୍ରତିଯୋଗିତା



ହର୍ସ ରେସ୍ ବା ଘୋଡ଼ା ଦୌଡ଼ ଦେଖିବାକୁ ଅନେକେ ପସନ୍ଦ କରନ୍ତି। କେହି କେହି ତ ନିଜେ ଘୋଡା ଦୌଡରେ ସାମିଲ ହେବାକୁ ଚାହାନ୍ତି। ତେବେ ଜାଣନ୍ତି କିଯେଉଁମାନଙ୍କୁ ଘୋଡା ଦୌଡ଼ ପସନ୍ଦ ଅବା ନିଜେ ଘୋଡାଦୌଡରେ ସାମିଲ ହେବାକୁ ଚାହାନ୍ତି, ହେଲେ ଘୋଡା ଚଳାଇପାରନ୍ତି ନାହିଁ ସେମାନଙ୍କୁ ଫିନଲାଣ୍ଡରେ ହେଉଥିବା ଏକ ପ୍ରତିଯୋଗିତା ବେଶ୍ ଭଲ ଲାଗିବ। ଏହି ପ୍ରତିଯୋଗିତାରେ ସେମାନେ ଭାଗ ନେଇପାରିବା ସହ ନିଜକୁ ଏକ ଘୋଡା ଚାଳକ ଭଳି ଅନୁଭବ କରିପାରିବେ। ଏହି ପ୍ରତିଯୋଗିତାର ନାମ ହେଉଛି ହବି ହର୍ସିଂ। ଏଥିରେ ପ୍ରତିଯୋଗୀ ହାତରେ ଖେଳଣାର ଘୋଡ଼ା ମୁଣ୍ଡ, ଯାହା ସହ ଦୌଡ଼ିବା ସହ ବାଟରେ ଥିବା ହର୍ଡଲସକୁ ଡେଇଁ ପାର କରିବାକୁହୁଏ। ଘୋଡା ମୁଣ୍ଡକୁ ଦୁଇ ହାତରେ ଏଭଳି ଧରିଥାନ୍ତି ଯେ, ଲାଗେ ସତେ ଯେମିତି ପ୍ରତିଯୋଗୀ ଘୋଡ଼ାରେ ବସି ଦୌଡୁଛି। ଫିନ୍‌ଲାଣ୍ଡରେ ମହିଳାମାନଙ୍କ ଭିତରେ ଏହି ପ୍ରତିଯୋଗିତାକୁ ନେଇ ସ୍ୱତନ୍ତ୍ର କ୍ରେଜ୍ ଦେଖିବାକୁ ମିଳେ। ଆଉ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିବା ପାଇଁ ଘଂଟା ଘଂଟା ଅଭ୍ୟାସ କରନ୍ତି। ପ୍ରାୟ ୧୦ ବର୍ଷ ହେବ ଏହି ପ୍ରତିଯୋଗିତା ଫିନ୍‌ଲାଣ୍ଡରେ ଆୟୋଜିତ ହେଉଛି।

# ସୁନା ଚେନ୍‌ରେ କେଶ ଟ୍ରାନ୍ସପ୍ଲାଂଟ୍

ମେକ୍ସିକୋର ର୍‍ୟାପର ଦାନ୍ ସୁରଙ୍କ ଚର୍ଚ୍ଚା ଏବେ ଜୋର ଧରିଛି। ଏହି ଚର୍ଚ୍ଚା ତାଙ୍କର କୌଣସି ଗୀତକୁ ନେଇ ନୁହେଁ ବରଂ ତାଙ୍କର ନୂଆ ଲୁକ୍‌କୁ ନେଇ। କଥା କ'ଣ କି ସେ ନିଜ ମୁଣ୍ଡର ପ୍ରାକୃତିକ କେଶ ସ୍ଥାନରେ ସୁନାର ଚେନ୍ ଟ୍ରାନ୍ସପ୍ଲାଂଟ୍ କରାଇଛନ୍ତି। ସାଧାରଣତଃ ର୍‍ୟାପରମାନଙ୍କର ଭିନ୍ନ ଷ୍ଟାଇଲ ସମସ୍ତଙ୍କୁ ଆକର୍ଷିତ କରିଥାଏ। ତେବେ ଏହି ଭିନ୍ନତା ଭିତରେ କିଛି ବିଶେଷ ଧରଣର ଭିନ୍ନତା ନିଜ ଭିତରେ ଆଣିବାପାଇଁ ଦାନ୍ ଏଭଳି ପନ୍ଥା ଆପଣେଇଲେ। ଆଉ ନିଜର ସୁନ୍ଦର କେଶ ସ୍ଥାନରେ ସୁନା ଚେନ୍‌କୁ କେଶ ଭାବେ ପ୍ରତିରୋପଣ କରି ସାରା ପୃଥିବୀରେ ଚର୍ଚ୍ଚିତ ହେଲେ। ଖପୁଣି ଉପର ଚର୍ମରେ ହୁକ୍ ଓ ଚର୍ମ ଭିତରେ ହୁକ୍ ଲଗାଇ ଏହି ଚେନ୍ ସବୁ ପ୍ରତିରୋପଣ କରାଯାଇଛି। ଏଭଳି ପ୍ରତିରୋପଣରେ ସଂକ୍ରମଣ, ଖପୁରିରେ ଜ୍ୱଳନର ଆଶଙ୍କା ରହିଛି। ଏହା ଆଦୌ ନିରାପଦ ନୁହେଁ ବୋଲି ମଧ୍ୟ ପ୍ଲାଷ୍ଟିକ୍ ସର୍ଜନ କହୁଛନ୍ତି। ଏହାଦ୍ୱାରା ବାହାରର ବ୍ୟାକ୍ଟେରିଆ ସହଜରେ ଶରୀରକୁ ପ୍ରବେଶ କରିପାରିବେ ବୋଲି ସେ କହନ୍ତି। ତା ସହ ଖପୁରି ଚର୍ମ ତଳେ ଥିବା ହୁକ୍ ଓଜନିଆ ଚେନ୍‌କୁ ଧରି ରଖିଥିବାର ଖପୁରିରେ ଫ୍ରାକ୍‌ଚର ହୋଇପାରେ। ଅବା ପରମାନେଂଟ୍ ହେୟାର ଲସ୍ ବି ହୋଇପାରେ।







# ମୋ ପାଇଁ ବଡ଼ ସୁଯୋଗ: ଲାରା ଦତା

ନୂଆ ଲୁକ୍ ଜରିଆରେ ଦର୍ଶକଙ୍କୁ ସରପ୍ରାଇଜ୍ ଦେବାକୁ ଯାଉଛନ୍ତି ଅଭିନେତ୍ରୀ ଲାରା ଦତା। ଖୁବ୍‌ଶୀଘ୍ର ପରଦାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚରିତ୍ରରେ ସେ ନଜର ଆସିବେ। ଫିଲ୍ମର ଟାଇଟଲ୍ ବେଲ୍ ବଟମ୍। ଏହି ଭୂମିକାକୁ ଜୀବନର ଏକ ବଡ଼ ସୁଯୋଗ ବୋଲି ଲାରା କହିଛନ୍ତି। ପରଦାରେ କିମ୍ବଦନ୍ତୀ ମହିଳା ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଂଗତ ଇନ୍ଦିରା ଗାନ୍ଧୀଙ୍କ ଭୂମିକା ନିର୍ବହ କରିବା ଏକ ବଡ଼ ଦାୟିତ୍ୱ ଥିଲା। ତାଙ୍କ ଶାରୀରିକ ଅଙ୍ଗଭଙ୍ଗୀକୁ ଅବିକଳ ପରଦାରେ ଉପସ୍ଥାପନ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଫିଲ୍ମର ଟ୍ରେଲର ଲଂଚ୍ ସମୟରେ ଲାରା କହିଛନ୍ତି। ମୋଟାମୋଟି ତାଙ୍କ କହିବା ଅନୁସାରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରକୁ ପରଦାରେ ଚିତ୍ରଣ କରିବା ସହଜ କଥା ନଥିଲା। ସେଥିପାଇଁ ତାଙ୍କୁ ଅନେକ ପରିଶ୍ରମ ଓ ଗବେଷଣା କରିବାକୁ ପଡ଼ିଥିଲା। ତଥାପି ଏହି ଯାତ୍ରାକୁ ସେ ଖୁବ୍ ସୁଖଦ ଓ ପ୍ରେରଣାପ୍ରଦ ବୋଲି କହିଛନ୍ତି। ସେଥିପ୍ରତି ସେ ପ୍ରଡକ୍ସନ୍ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। ଫିଲ୍ମଟି ୧୯୮୪ ମସିହାରେ ସଂଘଟିତ ବିମାନ ଅପହରଣ ଉପରେ ପର୍ଯ୍ୟବସିତ। ଲଗାତାର ୫ମ ଅପହରଣ ପରେ ଭାରତ ସରକାର ର'ର ଅପରେସନ ପାଇଁ ଜଣେ ଗୁଇନ୍ଦାଙ୍କୁ ନିଯୁକ୍ତ କରିଥିଲେ, ଯାହାର କୋଡ୍ ନାଁ ଥିଲା ବେଲ୍‌ବଟମ୍। ଏହି ଅପହରଣରେ ପ୍ରାୟ ୨୧୦ ଯାତ୍ରୀଙ୍କୁ ବନ୍ଦୀ କରାଯାଇଥିଲା। ସେହି ବର୍ଷ ଅପରେସନ୍ ବ୍ଲୁଷ୍ଟାର ସହିତ ଇନ୍ଦିରା ଗାନ୍ଧିଙ୍କୁ ହତ୍ୟା ମଧ୍ୟ କରାଯାଇଥିଲା। ସେହି ବର୍ଷ ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରା ଗାନ୍ଧିଙ୍କୁ ହତ୍ୟା ମଧ୍ୟ କରାଯାଇଥିଲା। ଇନ୍ଦିରା ଗାନ୍ଧିଙ୍କ କାର୍ଯ୍ୟକାଳ ସମୟରେ ବିମାନ ଅପହରଣ ଏକ ବଡ଼ ବିଷୟ ହୋଇଥିଲା। ଫିଲ୍ମରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ଅକ୍ଷୟ କୁମାର। ତାଙ୍କ ସ୍ତ୍ରୀ ଭୂମିକାରେ ଅଛନ୍ତି ବାନି କପୁର। ହୁମା କୁରେଶି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

# ଖୋର୍ଦ୍ଧା ଏସପି ଓ ବାଣପୁର ଆଇଆଇସିଙ୍କୁ ପ୍ରଶଂସା ପତ୍ର ପ୍ରଦାନ କଲେ ଡିଜିପି



ବାଣପୁର ୧୨/୪ (ନି.ପ୍ର): ଏକ ହତ୍ୟା ମାମଲାର ପର୍ଦ୍ଦାଫାଶ କରିବା ସହ ଉତ୍କୃଷ୍ଟ ତଦନ୍ତ ଓ ବଳିଷ୍ଠ ସାକ୍ଷ୍ୟ ପ୍ରମାଣ ଲାଗି ଅଭିଯୁକ୍ତଙ୍କୁ ଆଜୀବନ କାରାଗାର ଦଣ୍ଡାଦେଶ ହୋଇଥିବାରୁ ଖୋର୍ଦ୍ଧା ଏସପି ସାଗରୀକା ନାଥ ଏବଂ ବାଣପୁର ଥାନା ଆଇଆଇସି ରମେଶ କୁମାର ଦେବତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି ଓଡିଶା ଡିଜିପି ୱାଇ.ବି ଖୁରାନିଆ । ସୂଚନା ମୁତାବକ ୨୦୧୯ ମସିହାରେ କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅଞ୍ଚଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା । ଉକ୍ତ ଥାନା ଅଞ୍ଚଳର ରାସନ ଦୋକାନୀ ତ୍ରିନାଥ ହୋତାଙ୍କୁ ଅଭିଯୁକ୍ତ ମୁକୁ ସାନ୍ତା ଟାଙ୍ଗିଆରେ ହାଣି ମାରିଦେଇଥିବା ଅଭିଯୋଗ କରିଥିଲେ ମୃତ ତ୍ରିନାଥ ଙ୍କ ପୁତ୍ର ଡମ୍ବୁରୁଧର ହୋତା । ଏ ନେଇ ବୈପାରୀଗୁଡା ଥାନାରେ କେସ ନମ୍ବର ୪୪/୧୯ ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ତତ୍କାଳୀନ ବୈପାରୀଗୁଡା ଥାନା ଓଆଇସି ତଥା ବର୍ତ୍ତମାନ ବାଣପୁର ଥାନା ଆଇଆଇସି ରମେଶ କୁମାର ଦେବତା ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏବଂ ତତ୍କାଳୀନ ଜୟପୁର ଏସଡିପିଓ ତଥା ବର୍ତ୍ତମାନ ଖୋର୍ଦ୍ଧା ଏସପି ସାଗରିକା ନାଥ ଉକ୍ତ ମାମଲାକୁ ପରିଚାଳନା କରୁଥିଲେ । ତେବେ ଉଭୟ ଅଧିକାରୀଙ୍କ ଉତ୍କୃଷ୍ଟ ତଦନ୍ତ, ପରିଚାଳନା ଓ ସାକ୍ଷ୍ୟ ପ୍ରମାଣ ବଳରେ ନିକଟରେ ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ମୁକୁ ସାନ୍ତାଙ୍କୁ ଜୟପୁର ଅତିରିକ୍ତ ଦୌରା ଜଜ ବିଦ୍ୟାଧର ପୃଷ୍ଟି ଆଜୀବନ କାରାଗାର ଓ ଦୁଇ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅତିରିକ୍ତ ଦୁଇ ବର୍ଷର ଦଣ୍ଡାଦେଶ ଶୁଣାଇଛନ୍ତି । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଧୀର ତ୍ରିପାଠୀ ପରିଚାଳନା କରୁଥିଲେ କ୍ଷ ତେବେ ଉକ୍ତ ରାୟ ଦ୍ୱାରା ଓଡିଶା ପୋଲିସର ମନୋବଳ ବଢିଥିବା ବେଳେ ପୋଲିସ ଅଧିକାରୀ ମାନେ ଏହା ଦ୍ୱାରା ପ୍ରେରିତ ହୋଇ ଆଗକୁ ଆହୁରି ଦକ୍ଷତାର ସହ ମାମଲାର ତଦନ୍ତ କରିବେ ବୋଲି ଡିଜିପି ଆଶା କରିଛନ୍ତି । ଏହି ଅବସରରେ ଓଡିଶା ଡିଜିପି ଶ୍ରୀ ଖୁରାନିଆ ଉଭୟ ଖୋର୍ଦ୍ଧା ଏସପି ସାଗରିକା ନାଥ ଓ ବାଣପୁର ଥାନା ଆଇଆଇସି ରମେଶ କୁମାର ଦେବତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉଭୟ ଅଧିକାରୀ ନିଜର ଡ୍ୟୁଟି ପ୍ରତି ସମର୍ପିତ ହୋଇ କାର୍ଯ୍ୟ କରିଥିବାରୁ ଓଡିଶା ପୋଲିସ ପାଇଁ ପ୍ରେରଣା ପାଲଟିଥିବା ପ୍ରଶଂସା ପତ୍ରରେ ଉଲ୍ଲେଖ କରିଛନ୍ତି ।

# ୧୨ ଫୁଟ ଲମ୍ବର ବିରଳ କିଙ୍ଗ କୋବ୍ରା ସାପ ଉଦ୍ଧାର

ଚିକିଟି ୧୨/୪ (ନି.ପ୍ର): ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନାଳିଆ ବନ୍ଧ ନିକଟ ସଗୁନ ହୋଟେଲ ସାମ୍ନାରୁ ଏକ ବିରଳ ବିଷାକ୍ତ କିଙ୍ଗ କବ୍ରା ସାପକୁ ସ୍ନେକ ହେଲ୍ପ ଲାଇନ ଦ୍ୱାରା ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛଡ଼ାଯାଇଛି। ହଠାତ୍ ମାଲିକ ସମେତ କିଛି ଲୋକ ସାପ ଟିକୁ ଦେଖି ଭୟଭିତ ହେବା ସହ ସ୍ନେକ ହେଲ୍ପ ଲାଇନ କୁ ଖବର ଦେଇଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ଓ ଗୌରୀ ସାହୁ ତୁରନ୍ତ ଉକ୍ତ ସ୍ଥାନରେ ପହଞ୍ଚି ସାପ ଟିକୁ ଧରିବା ସହ ବନବିଭାଗ କୁ ଯୋଗାଯୋଗ କରିଥିଲେ ବିଭାଗ ର ସୁଚନା ପ୍ରକାରେ ସାପଟିକୁ ନିକଟ କେରାଣ୍ଡି ମାଳ ଜଙ୍ଗଲ ରେ ଛଡା ଯାଇଥିବା ସୂଚନା ମିଳିଛି । ତେବେ ଅଞ୍ଚଳରେ ବ୍ଲାକ କିଙ୍ଗ କବ୍ରା ଦେଖାଯାଉଥିବା ବେଳେ ଏହା ଏକ ବିରଳ ପ୍ରଜାତି ତଥା ଚାଇନିଜ ବିଷାକ୍ତ ଓ ଏହାର ରଙ୍ଗ ଧଳା ହୋଇଥିବା ସ୍ନେକ ହେଲ୍ପ ଲାଇନ ସଦସ୍ୟ ଙ୍କ ପକ୍ଷରୁ ସୂଚନା ମିଳିଛି ।ତେବେ ସାପ ଟୀର ଲମ୍ବ ପ୍ରାୟ ୧୨ଫୁଟ ହୋଇଥିବା ବେଳେ ଓଜନ ପ୍ରାୟ ୧୦ କେଜି ହେବା ନେଇ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସୂଚନା ଦେଇଛନ୍ତି ।

# କଣାସ:ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଶୁଭାରମ୍ଭ କଲେ ବିଧାୟକ

କଣାସ ୧୨/୪ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାଧାରଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କଟକ ବାଲିଯାତ୍ରା ପଡ଼ିଆରେ ଆଜି ଶୁଭାରମ୍ଭ କରୁଛନ୍ତି ।ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା କଣାସ ବ୍ଲକ ପକ୍ଷରୁ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ।ପ୍ରଥମ ଦିନରେ ହରଚଣ୍ଡିପ୍ରସାଦ ,ସହୁପଡ଼ା, ମନ୍ଦା ରବସ୍ତ , ନନ୍ଦିଗୋଦା,ଗଡିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତି ଗାଁର ପାଞ୍ଚଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିବା ଜଣାପଡିଛି ।ପରେ ପ୍ରତି ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ ଗାଁରେ ପହଞ୍ଚି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ଜଣାପଡିଛି ।ଏହି କାର୍ଯ୍ୟକ୍ରମରେ କଣାସ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ ,ମେଡିକାଲ ମୁଖ୍ୟ ଚିକିତ୍ସାଅଧିକାରୀ କ୍ଷମାନିଧି ସେଠୀ, ସିଡିପିଓ ସ୍ମିତା ମହାନ୍ତି,ଡାକ୍ତର ବିଶ୍ୱରଂଜନ ଜେନା,ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରିଣୀ ସ୍ୱର୍ଣଲତା ରଥ ,ସ୍ୱାସ୍ଥ୍ୟ କର୍ମଚାରୀ,ଅଙ୍ଗନବାଡ଼ି କର୍ମୀ,ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲୁଗାଁ ମହାବିଦ୍ୟାଳୟରେ ଯୁବ ଲେଖକ ସମ୍ମିଳନୀ

ବାଲୁଗାଁ ୧୨/୪ (ନି.ପ୍ର): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ଅପ୍ରେଲ ଏକ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଓଡ଼ିଆ ପକ୍ଷର ଆଜି ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ରାଜନୀତି ବିଜ୍ଞାନ ମୁଖ୍ୟ ଲକ୍ଷ୍ମୀ ପ୍ରସାଦ ମିଶ୍ର, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଡକ୍ଟର ସନ୍ତୋଷ କୁମାର ରଥ ଓ ଅଧ୍ୟାପିକା ଝରଣା ନାଥ ଯୋଗଦେଇ ମହାବିଦ୍ୟାଳୟ ର ନବ ପ୍ରତିଭା ମାନଙ୍କୁ ନିରନ୍ତର ଲେଖନୀ ଚାଳନା କରିବାକୁ ଅନୁପ୍ରେରିତ କରିଥିଲେ । ଡକ୍ଟର ସନ୍ତୋଷ କୁମାର ରଥ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ସାରସ୍ୱତ ସୃଷ୍ଟିର ନିର୍ଯାସ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ଟିକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା । ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ସୁବୁଦ୍ଧି ଶିକ୍ଷାର୍ଥୀମାନଙ୍କର ସର୍ଜନଶୀଳତା ବିକାଶ ପାଇଁ ପରାମର୍ଶ ଦେବା ସହ ଓଡ଼ିଆ ସାହିତ୍ୟିକମାନଙ୍କର ବିଭିନ୍ନ କାଳଜୟୀ ପଂକ୍ତି ଉପସ୍ଥାପନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର,ଡଃ ଲକ୍ଷ୍ମୀଧର ସୁବୁଦ୍ଧି, ଡଃ କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଝରଣା ନାଥ, ଶୁଭଦର୍ଶିନୀ ବିଶ୍ୱାଳ, କୀର୍ତ୍ତିମୟୀ ବାରିକ, ବିମଳ କୁମାର ପଣ୍ଡା,ସ୍ନିଗ୍ଧା ରାଣୀ ମୁଦୁଲି,ସୋନାଲି କରଣ, ଗାୟତ୍ରୀ ମହାରଣା ପ୍ରମୁଖ ବହୁ ଛାତ୍ର ଛାତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ଅଧ୍ୟାପକ ଧୋବୀ ଚରଣ ପରିଡ଼ା,ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ବଦା ମହାପାତ୍ର ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପିକା ସ୍ନିଗ୍ଧା ରାଣୀ ମୁଦୁଲି ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ଉଦଯାପିତ

ପାଟଣା ୧୨/୪ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ସମାରୋହ ତୃତୀୟ ଦିନର ପ୍ରଥମ ଅଧିବେଶନ ପ୍ରଦୀପ କୁମାର ସାହୁ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ରାଣୀ ସାହେବା ସୁନନ୍ଦିନୀ ଭଞ୍ଜଦେଓ ଯୋଗ ଦେଇ ଶିଶୁ ମାନଙ୍କ ଉତ୍ତମ ଚରିତ୍ର ଗଠନ ତଥା ରାଷ୍ଟ୍ର ପ୍ରେମୀ ନାଗରିକ ଗଠନ ରେ ଶିଶୁ ମନ୍ଦିର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅନିଲ କୁମାର ସାହୁ , ପୂର୍ବତନ ସମ୍ପାଦକ ଇଂ.ଭାଗବତ ପ୍ରସାଦ ସାହୁ , ବିଦ୍ୟାଳୟର ସମ୍ପାଦକ ତଥା ସମାଜସେବୀ ପ୍ରମୋଦ କୁମାର ସାହୁ , ମୁଖ୍ୟବକ୍ତା ଭାବେ ସିଦ୍ଧାର୍ଥ ଟିଭିର ପ୍ରବଚିକା କଳ୍ପନା ତ୍ରିପାଠୀ ଯୋଗ ଦେଇ ଶିଶୁଙ୍କ ପ୍ରତି ମା ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ସଭାପତି ତଥା ଶିକ୍ଷାବିତ ପ୍ରଦୀପ କୁମାର ସାହୁ , ସମ୍ମାନୀତ ଅତିଥି ସମାଜସେବୀ ବସନ୍ତ କୁମାର ସାହୁ ,ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର ଜନଜାତି ପ୍ରମୁଖ ଶଶିଭୂଷଣ ପାଲେଇ , ଉପସଭାପତି ସୁଧାଂଶୁ ଶେଖର ସାହୁ , ମୁଖ୍ୟଅତିଥି ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ , ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି ର ପୂର୍ବତନ ସାଧାରଣ ସମ୍ପାଦକ ଇଂ ଅମରବର ଖଟୁଆ , ବିଶେଷ ଅତିଥି ଭାବେ ବିଦ୍ୟାଳୟ ର ପୂର୍ବତନ ଛାତ୍ର ତଥା ଓ ଏନ ଜି ସି ର ଭୂ -ବୈଜ୍ଞାନିକ ରାକେଶ ରଞ୍ଜନ ସାହୁ ଯୋଗ ଦେଇଥିଲେ । ପରିଶେଷ ରେ ଶିଶୁ ଭାଇ ଭଉଣୀ ମାନଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ,ସେବକ ସେ୍ୱିକା ଏବଂ ପରିଚାଳନା ସମିତି ର ସମସ୍ତ ସଦସ୍ୟ ଙ୍କ ସହଯୋଗ ରେ ରଜତ ଜୟନ୍ତୀ ସଫଳ ମଣ୍ଡିତ ହେବା ସହ ଉଦଯାପିତ ହୋଇଛି।

# ପାରମ୍ପରିକ ଦଣ୍ଡଯାତ୍ରାରେ ଜଙ୍ଗଲ ସୁରକ୍ଷା ସଚେତନତା



ବାଲିଗୁଡା ୧୨/୪ (ନି.ପ୍ର): ସମଗ୍ର କନ୍ଧମାଳ ଜିଲ୍ଲାରେ ଚାଲିଛି ତେର ଦିନିଆ ଦଣ୍ଡଯାତ୍ରା କ୍ଷ ବାଲିଗୁଡା ର ମାଆ ଦକ୍ଷିଣକାଳୀ ଦଣ୍ଡନୃତ୍ୟ କମିଟି ପକ୍ଷରୁ ଚଳିତ ବର୍ଷ ବାଲିଗୁଡା ର ବିଭିନ୍ନ ୱାର୍ଡ ର କାମନାକାରୀ ଙ୍କ ଘରକୁ ମାଆ ବିରାଜମାନ କରି ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ବାଲିଗୁଡା ଅଞ୍ଚଳର ଏହି ସର୍ବ ପୁରାତନ ଦଣ୍ଡନାଚ ଦେଖିବା କୁ ଭକ୍ତ ଶ୍ରଦ୍ଧାଳୁ ଦର୍ଶକ ଙ୍କ ଭିଡ଼ ଜମୁଛି । ଦିନ ଦ୍ୱି ପ୍ରହର ରେ ଧୂଳିଦଣ୍ଡ ସମୟରେ ଦଣ୍ଡ ଚରିତ ଅନୁସାରେ ଯାତ୍ରା ସମାପନ ହେଉଛି। ଏହି ସମୟରେ ଜଙ୍ଗଲ ସୁରକ୍ଷା ଉପରେ ଅଭିନୟ ନାଟକ ଗୀତ ମାଧ୍ୟମରେ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା, ପୋଡୁ ଚାଷ, ବେଆଇନ ବନ୍ୟ ଜନ୍ତୁ ଶିକାର ରୁ ନିବୃତ ରହି ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଅନୁଷ୍ଠାନ ର ବରିଷ୍ଠ କଳାକାର ତଥା ସାମ୍ବାଦିକ ପ୍ରମୋଦ ଦଣ୍ଡସେନା ରେଞ୍ଜର ଭୂମିକା ରେ ଅବତୀର୍ଣ୍ଣ ହୋଇଥିବା ବେଳେ , ଟିକି ଦଣ୍ଡିଆ, ସନ୍ତୋଷ ପୂଜାରୀ, ଦୁର୍ଗା ପାତ୍ର ବେଲାଲସେନ ବନ କର୍ମଚାରୀ ଭୂମିକା ରେ ନିଖୁଣ ଅଭିନୟ କରି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରୁଛନ୍ତି। ଦଣ୍ଡଯାତ୍ରା ର ଏହି କାର୍ଯ୍ୟକ୍ରମ କୁ ବାଲିଗୁଡା ଡ଼ିଏଫଓ ବିଶ୍ୱରାଜ ପଣ୍ଡା ସୋସିଆଲ ମିଡିଆରେ ଦେଖି ବେଶ ଉଚ୍ଚ ପ୍ରଶଂସା କରିଛନ୍ତି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜାମଦାରେ ୩ଟି ଯୋଜନାର ଶୁଭାରମ୍ଭ



ମୟୂରଭଞ୍ଜ ୧୨/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ତାରଣା ଗ୍ରାପ. ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନବୀର ଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କରାଯାଇଛି ।ଜାମଦା ବ୍ଲକ ବିଡ଼ିଓ ଦେବାଶିଷ୍ ପଣ୍ଡା,ଜାମଦା ଡାକ୍ତରଖାନାର ଡାକ୍ତର ଦୀପକ ରଂଜନ ଜେନା ,ସିଡିପିଓ ଜ୍ୟୋତିରେଖା ଦତ୍ତ,ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସନ୍ନତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।ଜାମଦା ବିଡ଼ିଓ ଦେବାଶିଷ୍ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟର ୧ କୋଟି ୩ ଲକ୍ଷ ପରିବାର ପାଇଁ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶା ସହିତ ରାଜ୍ୟ ବାହାରେ ଥିବା ୨୯ ହଜାର ଡାକ୍ତରଖାନାରେ କାମ କରିବ। ଏହି କାର୍ଡଗୁଡ଼ିକ ଆଗାମୀ ୩ ମାସ ମଧ୍ୟରେ ସମସ୍ତଙ୍କର ପାଖରେ ପହଞ୍ଚିବ ବୋଲି ସୂଚନା ପ୍ରଦାନ କରିଥିଲେ ।ଆୟୁଷ୍ମାନ ଯୋଜନା ର ଲାଭ କଣ ?,୭୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା,ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ସ୍ୱାସ୍ଥ୍ୟ କାର୍ଡ ଏହି ବିଷୟରେ ଜାମଦା ବିଡ଼ିଓ ଦେବାଶିଷ୍ ପଣ୍ଡା ଓ ଜାମଦା ଡାକ୍ତରଖାନାର ଡାକ୍ତର ଦୀପକ ରଂଜନ ଜେନା ଜନସାଧାରଣଙ୍କୁ ଜଣାଇଥିଲେ ।

# ଗୋଲାମୁଣ୍ଡା ବ୍ଲକ ରେ ଆୟୁଷ୍ମାନ ଭାରତ ଯୋଜନାର ଲୋକାର୍ପଣ

ଗୋଲାମୁଣ୍ଡା ୧୨/୪ (ନି.ପ୍ର): ଆଜି ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ସଂଯୁକ୍ତ ଯୋଜନାର ସ୍ୱାସ୍ଥ୍ୟ କାର୍ଡ ଲୋକାର୍ପିତ ହୋଇଯାଇଛି। କଟକର ବାଲିଯାତ୍ରା ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ,ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋର୍ଡି,ଉଛଲା,ମହାଲିଙ୍ଗ ଓ ଫରଙ୍ଗ ଠାରେ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ, ବିଡ଼ିଓ ଶ୍ରୀଧର ପଣ୍ଡା, ମେଡିକାଲ ଅଧିକାରୀ ଅରବିନ୍ଦ ଦାସ,ବୋର୍ଡି ସରପଞ୍ଚ ସ୍ୱାଦି ପଟେଲ,ଖାଲିଆପାଲି ସରପଞ୍ଚ ଜିମୁତବାହାନ ହରପାଳ,ନାଏବ ସରପଞ୍ଚ ସୁମିତ୍ରା ପୁଟେଲ, ଡ଼.ସତ୍ୟ ନାରାୟଣ ମଲ୍ଲିକ,ଡ଼.ଆଶୁତୋଷ ଦାଶ, ଡ଼.ଅରବିନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ । ଏନେଇ ଗୋଲାମୁଣ୍ଡା ବ୍ଲକ ର ବିଭିନ୍ନ ଅଞ୍ଚଳର ହିତାଧିକାରୀଙ୍କୁ ନୂତନ ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟବୀମା କାର୍ଡ ବଂଟନ କରାଯାଇଥିଲା ।

# କଟାବେଡା ରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ଅଭିଯାନ

ପାଟଣା ୧୨/୪ (ନି.ପ୍ର): ପାଟଣା ବନାଞ୍ଚଳ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ କଟାବେଡା ଗ୍ରାମରେ କଟାବେଡା ବନସୁରକ୍ଷା ସମିତି ପକ୍ଷରୁ ଆଜି ଜଙ୍ଗଲ ନିଆଁ ନିବାରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ସାହାରପଡା ବନପାଳ ଭୂପତି ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନରକ୍ଷୀ ଦୀପକ ରଣା ପରିଚାଳନା କରିଥିଲେ ।ଜଙ୍ଗଲକୁ ସୁରକ୍ଷିତ ରଖିବା ଆମର ଦାୟିତ୍ୱ ।ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା,ଜଙ୍ଗଲ କୁ ନିଆଁ ଦାଉରୁ କିପରି ରକ୍ଷା କରାଯିବ ଓ ବନ୍ୟଜନ୍ତୁ କୁ ସୁରକ୍ଷା ଦେବା ଆଦି ସେବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା କରା ଯାଇଥିଲା ।କାର୍ଯ୍ୟକ୍ରମ ରେ କଟାବେଡା ବନସୁରକ୍ଷା ସମିତି ସଭାପତି ଜୟକୃଷ୍ଣ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଡିଓ କୃପାସିନ୍ଧୁ ମହାନ୍ତ, ସ୍ୱାର୍ଡ ତ୍ରିଲୋଚନ ମହାନ୍ତ,ବାପି ମାଠିଆ ସମ୍ପାଦିକା କୁନି ମହାନ୍ତ,କୋଷାଧ୍ୟକ୍ଷ ନବୀନ କୁମାର ମହାନ୍ତ, ଅନିମେଟର ହରିଶ ଚନ୍ଦ୍ର ମହାନ୍ତ, ପ୍ରଫୁଲ୍ଲ ମହାନ୍ତ,ଭୁତ ମହାନ୍ତ ଙ୍କ ସହିତ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ସାମିଲ ହୋଇଥିଲେ ।ଗ୍ରାମ ଜଙ୍ଗଲର କିପରି ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା କରିବା , ଜଙ୍ଗଲ ର ରକ୍ଷଣା ବେକ୍ଷଣ କିପରି କରାଯିବ , ପୋଶୁ ପକ୍ଷୀ ଙ୍କ ସୁରକ୍ଷା ବିଷୟରେ ଲୋକଙ୍କୁ ଅବଗତି କରାଯାଇଥିଲା।



# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଖାଲି ପଦବୀପୂରଣ ଓ ୟୁଏଏସ ପୋର୍ଟାଲକୁ ବିରୋଧରେ ସ୍ମାରକପତ୍ର ପ୍ରଦାନ

କୋଟପାଡ଼ ୧୨/୪ (ନି.ପ୍ର): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଗଣଶିକ୍ଷା ବିଭାଗ କମିଶନର ଶାଳିନୀ ପଣ୍ଡିତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଖବର ହସ୍ତଗତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଭିତ୍ତିଭୂମି ସୁଦୃଢ଼ ନକରି ଓ ଶିକ୍ଷକ ନିଯୁକ୍ତି ନଦେଇ ବାଲବାଟିକା ଖୋଲିବା ଓ ଭିତ୍ତିଭୂମି ନଥାଇ ଅନଲାଇନ ଉପସ୍ଥାନ ୟୁନିଫାଇଡ ଆଟୋମେସନ ସିଷ୍ଟମକୁ ଦୃଢ଼ ବିରୋଧ କରି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।ଖବର ନେବାରୁ ଜଣାପଡିଛି ଯେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବାଲବାଟିକା ଓ ଅଷ୍ଟମ ଶ୍ରେଣୀ ରାଜ୍ୟ ସରକାରଙ୍କ ତରଫରୁ ଯୋଗ କରାଯାଇଥିବା ସତ୍ତ୍ୱେଭି ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ଖାଲିପଡ଼ିଛି ଓ ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟୱର୍କ ନଥିବା ଓ ସରକାରଙ୍କ ତରଫରୁ ମୋବାଇଲ ଫୋନ କିମ୍ୱା ଡାଟା ଖର୍ଚ୍ଚ ବାବଦକୁ କୌଣସି ପ୍ରକାର ଆର୍ଥିକ ଅନୁଦାନ ଦିଆନଯାଇ ୟୁଏଏସ ପୋର୍ଟାଲକୁ ଜୋରଜବରଦସ୍ତ ଲଦି ଦିଆଯାଉଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ନିଷ୍ପତିର ପୁନଃବିଚାର କରି ବିହିତ ପଦକ୍ଷେପ ଗ୍ରହଣ ପାଇଁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଉଛି। ଏହି ସ୍ମାରକପତ୍ର କୋଟପାଡ଼ ବିଆରସିସି ଶ୍ରୀ ଖଗେଶ୍ୱର ଗୋଲରି ଓ ଏବିଇଓ ବାଞ୍ଛାନିଧି ହରିଜନଙ୍କୁ ପ୍ରଦାନ କରାଯାଇଥିବାବେଳେ ସଂଗଠନ ସଭାପତି ସନ୍ତୋଷ କୁମାର ଦର୍ଣ୍ଣ, ସଂପାଦକ ତୁଳାରାମ ମାଝୀ, ଲକ୍ଷ୍ମୀନାରାୟଣ ମାଝୀ, ସୁକାନ୍ତ ଭତ୍ରା,ଡମ୍ବୁରୁ ପୂଜାରୀ,ମାନସ ମଣ୍ଡଳ, ଶ୍ରୀକାନ୍ତ ମିଶ୍ର, ବଦ୍ରିନାଥ ନାୟକ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

# ଗାଡି ଧକ୍କାରେ ସାଇକେଲ ଆରୋହୀ ମୃତ୍ୟୁ ଘଟଣା, ଫେରାର ଗାଡି ଜବତ: ଚାଳକ ଗିରଫ



ହିଞ୍ଜିଳିକାଟୁ ୧୨/୪ (ନି.ପ୍ର): ଫେବୃୟାରୀ ୯ ତାରିଖ ଭୋର ସମୟରେ ୫୯ ନଂ ଜାତୀୟ ରାଜପଥ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ମାଣିକ ନଗର ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଚାଳକ ଗାଡି ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଦୂର୍ଘଟଣାରେ ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାତୋଟା ସାହିର ଅଭିମନ୍ୟୁ ପୃଷ୍ଟି (୭୦)ଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରେ ପଡ଼ିଥିବା ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ନିକଟସ୍ଥ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ମୃତକଙ୍କ ପୁଅ ଶିବଙ୍କ ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ- ୧୦୦/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ତଥା ଥାନା ଏଏସଆଇ ସୁବାଷ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ କରି ଘଟଣାର ୨ ମାସ ପରେ ଶୁକ୍ରବାର ବେଲଗୁଣ୍ଠା ଅଞ୍ଚଳରୁ ଦୂର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକ୍ (ଓଡି୦୭ ଏଟି ୩୩୦୩)କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣଙ୍କ ହେଲେ ବୁଗୁଡା ଥାନା ସୁରମଣି ଗ୍ରାମର ପ୍ରଦ୍ୟୁମ୍ନ କୁମାର ଗୌଡ (୨୪) । ଗିରଫ ଟ୍ରକ ଚାଳକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ।

## ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ (ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

# ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ-ରାଜ୍ୟପାଳ

ଭୁବନେଶ୍ୱର,୧୨/୪: ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଗଠନରେ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି କହିଛନ୍ତି। ଆଜି ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିୟମଠାରେ ଅନୁଷ୍ଠିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ (ଓୟୁଟିଆର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସମାବର୍ତ୍ତନ ଉତ୍ସବ କେବଳ ଅନୁଷ୍ଠାନ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ନୁହେଁ ବରଂ ଏହି ମର୍ଯ୍ୟାଦା ସମ୍ପନ୍ନ ବିଶ୍ୱ ବିଦ୍ୟାଳୟର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। କଲେଜ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ଓୟୁଟିଆର ପରି ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେବା ଅନୁଷ୍ଠାନ ଏବଂ ଓଡିଶାର ବୃହତ୍ତର ଶିକ୍ଷା ପରିମଣ୍ଡଳ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଏହି ପରିବର୍ତ୍ତନ କେବଳ ଶିକ୍ଷାଗତ ଉତ୍କର୍ଷତା ନୁହେଁ, ବରଂ ବିକଶିତ ବିଶ୍ୱ ଦୃଶ୍ୟ ପଟ୍ଟରେ ଚାହିଦା ପୂରଣ କରିବା ଦିଗରେ ଶିକ୍ଷାଗତ ମାନଦଣ୍ଡକୁ ଉନ୍ନତ କରିବାର ଆକାଂକ୍ଷାର ପ୍ରତୀକ । ଓୟୁଟିଆର ନିରନ୍ତର ଭାବେ ପ୍ରଯୁକ୍ତି ବିଦ୍ୟା, ନବସୃଜନ, ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏଆଇ ପାଠ୍ୟକ୍ରମକୁ ଅନ୍ତର୍ଭୂକ୍ତ କରି ବିଶ୍ୱବିଦ୍ୟାଳୟ କେବଳ ନବୀନତମ ପ୍ରଯୁକ୍ତିବିଦ୍ୟା ଧାରା ସହିତ ନିଜକୁ ସମନ୍ୱିତ କରିନାହିଁ, ବରଂ ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବା ପାଇଁ ଶିକ୍ଷା ମଡେଲକୁ ଗ୍ରହଣ କରିଛି। ନବସୃଜନ ଏବଂ ବ୍ୟବହାରିକ ଶିକ୍ଷା ସହଯୋଗ ଉପରେ ଗୁରୁତ୍ୱ ଆରୋପ କରି ଏହାର ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ବିଶ୍ୱ ପରିବେଶରେ ସଫଳ ହେବା ପାଇଁ ଏକ ଦୃଢ଼ ଭିତ୍ତି ଭୂମି ସୃଷ୍ଟି କରିଛି ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଉଜ୍ଜଳ ଶିଳ୍ପ ଭିତ୍ତିଭୂମି ସହିତ ଓୟୁଟିଆର ପ୍ରଯୁକ୍ତି ବିଦ୍ୟା ଏବଂ ଗବେଷଣା ପାଇଁ ହବ୍ ଭାବେ ପ୍ରସ୍ତୁତ ହୋଇଛି। ଭାରତ ଯେତେବେଳେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦ୍ୱାରା ଦେଶର ଉପନୀତ, ଦେଶର ଭବିଷ୍ୟତ ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବାର କ୍ଷମତା ଉପରେ ନିର୍ଭରଶୀଳ ବୋଲି



ରାଜ୍ୟପାଳ କହିଥିଲେ। ଜାତୀୟ ଶିକ୍ଷାନୀତି -୨୦୨୦ ଭାରତୀୟ ଶିକ୍ଷାର ଦିଗକୁ ପୁନଃ ପରିଭାଷିତ କରିଛି। ଓୟୁଟିଆର ନୂଆ ଜାତୀୟ ଶିକ୍ଷାନୀତିର ମାନଦଣ୍ଡକୁ ପ୍ରତିଫଳିତ କରିବା ପାଇଁ ପ୍ରତିବଦ୍ଧତା ଦେଖାଇଛି ଯାହାକି ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିବ। ବର୍ତ୍ତମାନ ଆମେ ଅନେକ ସୁଯୋଗ ସହ ବିଭିନ୍ନ ଆହ୍ୱାନର ସହ ଗତି କରୁଛେ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶଗତ ଅବକ୍ଷୟଠାରୁ ଆରମ୍ଭ କରି ସାମାଜିକ ଅସମାନତା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଆହ୍ୱାନ ଦେଖାଦେଇଛି। ଏହି ସବୁ ଆହ୍ୱାନଗୁଡ଼ିକର ସମାଧାନର ସୂତ୍ର ହେବାକୁ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଯାହା ଫଳରେ ଓଡ଼ିଶା ଜାତୀୟସ୍ତରରେ ବହୁ ଆଗକୁ ଯାଉଛି। ଯୁବ ବର୍ଗକୁ ସାମାଜିକ ଓ ଆର୍ଥିକଭାବେ ସୁଦୃଢ଼ କରି କୁଶଳୀ ଓ ଦକ୍ଷ କରିବାକୁ ସରକାର ବହୁବଧ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏଆଇସିଟିଇର ଚେୟାରମ୍ୟାନ ପ୍ରଫେସର ଟି.ଜି ସିତାରାମ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର ଡିନ୍ ଏ.ଏନ୍ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଳସଚିବ ଆଶିଷ କୁମାର ଜେନା, ପିଜିଏମ୍ ଆଣ୍ଡ ଆର୍ ଡିନ୍ ପ୍ରଫେସର ଅରୁଣା ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାନସ୍ଲେର ଗୋଲଡ ମେଡାଲ ସମେତ ବିଭିନ୍ନ ବର୍ଗର ମୋଟ ୩୦ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା

## ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ପାଇଁ ରାସ୍ତା ପାଲଟିଛି ମରଣଜନ୍ତା



ନିଆଳୀ **୧୨/୪ (ନି.ପ୍ର):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ଡ଼ିମିରି ଗ୍ରାମପଞ୍ଚାୟତ ଅଧିନ ଡ଼ିମିରି ଗ୍ରାମ ପଞ୍ଚାୟତ ଏବଂ ଡ଼ିମିରି ବିଟ ହାଉସ ସାମ୍ନା ରେ ରାସ୍ତା ପାଲଟିଛି ମରଣ ଜନ୍ତା. ପୂର୍ତ୍ତ ବିଭାଗ କାମ କରିବାକୁ ବସି ଥିବା ବେଳେ ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ପାଇପି ପକାଇବା ପାଇଁ ରାସ୍ତା ଖୋଲିଥିଲେ ଏବଂ ସେଇ ସ୍ଥାନ ଟି ପାଇପି ଫାଟି ପାଣି ଜମି ରହି ଏକ ବଡ଼ ଖାଲ ରେ ପରିଣତ ହୋଇଛି,ଅଡ଼ଶପୁର ରୁ ଜଗତସିଂହପୁର ର ରାସ୍ତା ଡ଼ିମିରି ବିଟ ହାଉସ ପାଖ ମରଣ ଜନ୍ତା ପାଲଟିଛି ପ୍ରତ୍ୟେକ ଦିନ ଦୁର୍ଘଟଣା ହେବା ସହ ଯିବା ଆସିବା ପାଇଁ ବହୁତ ଅସୁବିଧା ହେଉଛି ପ୍ରଥଚାରୀ,ପୂର୍ତ୍ତ ବିଭାଗ ଅଧିକାରୀ ଙ୍କୁ ପଚାରିବାରୁ ସେ କହିଲେ କି ବାରମ୍ବାର ପିଚୁ ପକାଉଛୁଁ କିନ୍ତୁ କିଛି ଲାଭ ନାହିଁ କାରଣ ସେଇ ସ୍ଥାନ ରେ ପାଇପି ଫାଟି ଯାଇଛି ଯାହା ଫଳରେ ରାସ୍ତା ଉପରେ ପିଚୁ ରହୁ ନାହିଁ ଏବଂ ବଡ଼ ଖାଲ ହୋଇ ଯାଇଛି ଯଦି ଗ୍ରାମ୍ୟ ଜଳ ଏବଂ ପରିମଳ ବିଭାଗ ତାଙ୍କ କାମ କରନ୍ତି ତେବେ ଆମେ ଖୁବ ଶୀଘ୍ର କାମ ଆରମ୍ଭ କରିଦେବୁ,ସେଇପରି ଗ୍ରାମ୍ୟ ଜଳ ପରିମଳ ଅଧିକାରୀ ଙ୍କୁ ଯୋଗାଯୋଗ ହୋଇ ପାରି ନାହିଁ, ଏବେ କଥା ହେଲା କଣ ମଣିଷ ମରିଲେ ଯାଇଁ କାମ ହେବ ବୋଲି ଜନ ସାଧାରଣ ମତ ପୋଷଣ କରିଛନ୍ତି ସେଇପରି କାମ ଖୁବ ଶୀଘ୍ର ନ ହେଲେ ରାସ୍ତା ଉପରେ ଧାରଣା ଦେବାପାଇଁଜନ ସାଧାରଣ ଦାବୀ କରିଛନ୍ତି ।

## କୋଲକତା ରେ ପ୍ରବାସୀ ଙ୍କ ପକ୍ଷରୁ ଗୀତା ଯଜ୍ଞ

ପାଟଣା **୧୨/୪ (ନି.ପ୍ର):** ଓଡ଼ିଆ ପ୍ରବାସୀ ମାନଙ୍କର ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କୋଲକତାରେ ବହୁଳ ମାତ୍ରାରେ ଚାଲିଥିବା ବେଳେ ଏଥିରୁଆଦ୍ ପଡ଼ିନି ପର୍ନଶ୍ରୀ ଛତା ପାର୍କର ଶ୍ରୀଜଗନ୍ନାଥ ପୂଜା କମିଟି । ଶ୍ରୀଜଗନ୍ନାଥ ପୂଜା କମିଟି ପର୍ନଶ୍ରୀ ଚଳିତ ବର୍ଷ ତୃତୀୟ ତମ ଗୀତ ମହା ଯଜ୍ଞ ଖୁବ ଆଡମ୍ବର ସହକାରେ ପାଳନ କରୁଛି । ଆଜି ସକାଳେ ସୂର୍ଯ୍ୟ ପୂଜା ଓ ଗୋ ପୂଜା ରୀତି ନିତି ଭାବେ ସମ୍ପୂର୍ଣ୍ଣ ହେବା ପରେ ପଣ୍ଡିତ ବିଭୁତି ଭୂଷଣ ଶତପଥୀ, ଅଶୋକ କୁମାର ଶତପଥୀ, ସ୍ମୃତି ରଞ୍ଜନ ମିଶ୍ର, ଚନ୍ଦନ କୁମାର ରଥ , ଅରୁଣ ମିଶ୍ର, ଓ କୈଳାଶ ପଣ୍ଡାଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା । ସନ୍ଧ୍ୟାରେ ଭଜନ ଓ ଓଡିଶୀ ନୃତ୍ୟ ର କାଯ୍ୟକ୍ରମ ରହିଥିବା ବେଳେ ସମସ୍ତ ଦର୍ଶକ ଓ ଭକ୍ତ ମାନଙ୍କର ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଶନିବାର ସନ୍ଧ୍ୟାରେ କଣ୍ଠ ଶିଳ୍ପୀ ସୌରଭ ଭରଦ୍ୱାଜଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାଯ୍ୟକ୍ରମ ପବିତ୍ର ସ୍ଥାନଟିକୁ ଶ୍ରୀକ୍ଷେତ୍ର ଶ୍ରୀକ୍ଷେତ୍ର କରିଦେବ ବୋଲି ଭକ୍ତ ମାନଙ୍କର ବିଶ୍ୱାସ । ରବିବାର ହଜାର ହଜାର ଲୋକଙ୍କର ପ୍ରସାଦ ସେବନ ସହିତ ଗୀତା ମହାଯଜ୍ଞର ପୂର୍ଣ୍ଣାହୂତି କରାଯିବ । ସଭାପତି ସଞ୍ଜୟ ନାୟକ ସମ୍ପାଦକ ପ୍ରଶାନ୍ତ ସାହାଣୀ, କୋଷାଧକ୍ଷ ବିଶ୍ୱଜିତ ପ୍ରଧାନ, ଅନୁଭବ ରକ୍ଷିତ, ଧର୍ମେନ୍ଦ୍ର ପରିଡ଼ା, ପ୍ରଶାନ୍ତ ନାୟକ, ଡି ସି ନାୟକ, ଦେବେନ୍ଦ୍ର ଲେଙ୍କା , ଅଭୟ ବାରିକ, ନବ କୁମାର ଦାଶ, ଅଜୟ ମହାନ୍ତି, ବିକ୍ରମ ବାରିକ, ପ୍ରଦୀପ ପ୍ରଧାନ, ବିଶ୍ୱଜିତ ସାମଲ, ନିଗମ ବରଜ , ନିତ୍ୟାନନ୍ଦ ସାମଲ , ସୁକାନ୍ତ ମହାପାତ୍ର, ବିଜେନ୍ଦ୍ର ବାରିକ, ମୁଖ୍ୟ ସଂକଳ୍ପରେ ଥିବା ସଦ୍ୟସ ଚିତ୍ତରଞ୍ଜନ ନାୟକ ଓ ସୁଜାତା ନାୟକ ସମସ୍ତ କାଯ୍ୟ ଦାୟିତ୍ୱରେ ବ୍ୟସ୍ତ ରହି ଓଡ଼ିଆ ପ୍ରବାସୀ ଓ ବଙ୍ଗୋବାସୀମାନଙ୍କର ପ୍ରଂଶସନୀୟ ହୋଇ ପାରିଛନ୍ତି ।

## ଏସ୍ଏସ୍ଡି ହେସେଲପାଟାରେ ବ୍ଲକସ୍ତରୀୟ ପଞ୍ଚ ଦିବସୀୟ 'ନିଷ୍ଠା' ତାଲିମ୍

ମୟୂରଭଞ୍ଜ **୧୨/୪ (ନି.ପ୍ର):** ଜାମଦା ବ୍ଲକ ଏସ୍ଏସ୍ଡି ହେସେଲପାଟାରେ ହେଉଥିବା ପଞ୍ଚ ଦିବସୀୟ ଶିକ୍ଷକ ତାଲିମ "ନିଷ୍ଠା " ଉଦ୍‌ଯାପିତ ହୋଇ ଯାଇଛି । ଏ ?ହିଁ ତାଲିମ୍ ଶିବିରରେ ଜାମଦା ବ୍ଲକର ସମସ୍ତ କ୍ଲଷ୍ଟରର ମୋଟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ । ଏହି ତାଲିମ୍ ଶିବିରରେ ଶିକ୍ଷକ ପ୍ରଶିକ୍ଷକ ଭାବରେ ଆର୍ପିଏସ୍ ସତ୍ୟବାନ ଗିରି,ସଚିନ୍ଦ୍ର ସାର୍,ପ୍ରମନ ଶତପଥୀ,ଜିତେନ୍ ସାର୍,ବିଜୟ ସାର୍ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ୍ ବିଶେଷ କରି ବିଦ୍ୟାଳୟକୁ ଆସୁଥିବା ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷାଦାନ ଉପରେ ପର୍ଯ୍ୟବେସିତ ଥିଲା । ଏହି କାର୍ଯ୍ୟକ୍ରମରେ ଜାମଦା ଏବିଇଓ ପ୍ରତାପ ନାଏକ ଓ ଡିପିସି ଅଫିସରୁ ମିଡ଼ିଆ ସଂଯୋଜକ ନିରଞ୍ଜନ ନାଏକ ପରିଦର୍ଶନ କରିବାକୁ ଆସିଥିଲେ । ତାଲିମ ପ୍ରଦାନ ପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ତାଲିମ ସହାୟକ ପୁସ୍ତିକା ପ୍ରଦାନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମକୁ ଆର୍ପି ସତ୍ୟବାନ ଗିରି ପରିଚାଳନା କରିଥିଲେ ଏବଂ ପଞ୍ଚମ ଦିବସରେ ନିଷ୍ଠା ତାଲିମକୁ ଉଦଯାପନ କରି ସମସ୍ତ ଶିକ୍ଷକଶିକ୍ଷୟତ୍ରୀଙ୍କୁ ସାଧୁବାଦ ଅର୍ପଣ କରିଥିଲେ ।

# ପାଟଣା ବ୍ଲକରେ ୫ ଟି ସ୍ଥାନରେ ଆୟୁଷ୍ମାନ କାର୍ଡ ବଣ୍ଟନ ମେଳା

ପାଟଣା **୧୨/୪ (ନି.ପ୍ର):** ପାଟଣା ବ୍ଲକର ୫ଟି ସ୍ଥାନ ଯଥା ଡୁମୁରିଆ, କେନ୍ଦେଇପଶି, ରାଜନଗର, ତୁରୁମୁଙ୍ଗା ଓ ଖିରେଇଟାଙ୍ଗିରୀ ଠାରେ ଆଜି ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ଏକକ କାର୍ଡ ବଣ୍ଟନ ଉପଲକ୍ଷେ ପୃଥକ ପୃଥକ ଭାବେ ବଣ୍ଟନ ମେଳା ଭବ୍ୟ ପରିବେଶ ରେ ଅନୁଷ୍ଠିତ ହୋଇ ଯାଇଛି ।କଟକରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ ପରେ ପ୍ରତ୍ୟେକ ସ୍ଥାନରେ ୨୦ ଜଣ ଲେଖାଏଁ ହିତାଧିକାରୀଙ୍କୁ ଏହି ଏକକ କାର୍ଡ ବଣ୍ଟନ କରାଯାଇଛି ।ତୁରୁମୁଙ୍ଗା ଓ ରାଜନଗର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ହିତାଧିକାରୀଙ୍କୁ ଏକକ କାର୍ଡ ବଣ୍ଟନ କରିବା ସହିତ ସଚେତନତା ରଥକୁ ଉଦଘାଟନ କରିଥିଲେ ।ସେହିପରି ଡୁମୁରିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ,ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ଡୁମୁରିଆ ଡାକ୍ତରଖାନାର ଡାକ୍ତର ଯାଜ୍ଞସେନି ମହାନ୍ତ,ଏପିଓ ଦୀପକ କୁମାର ବେହେରା ପ୍ରମୁଖଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କେନ୍ଦେଇପଶି ଠାରେ ବିଧାୟକ ଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ବିଡିଓ ମାନସ କୁମାର ଦଣ୍ଡପାଟ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ,ଡାକ୍ତର କ୍ରିସ ସାହୁ ପ୍ରମୁଖ ଅନ୍ୟ ମାନଙ୍କ ଉପସ୍ଥିତି ରେ ୨୦ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି ।ସେହିପରି ଖିରେଇ ଟାଙ୍ଗିରୀ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଡାକ୍ତର ପାର୍ଥସାରଥୀ ନାୟକ ଙ୍କ ଉପସ୍ଥିତି ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ ସମ୍ମାନୀତ ଅତିଥିଭାବେ ଇଂ ସିଦ୍ଧ ମାଝୀ,ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।ବିଡିଓ ମାନସ କୁମାର ଦଣ୍ଡପାଟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।



## ମଶାଲ ଶୋଭାଯାତ୍ରା ପାଇଁ କଟକ ସଦର କଂଗ୍ରେସର ପ୍ରସ୍ତୁତି ବୈଠକ




କଟକ **୧୨/୪ (ନି.ପ୍ର):** ବର୍ତ୍ତମାନର ରାଜ୍ୟର ବିଜେପି ସରକାର ସମୟରେ ନାରୀ ନିର୍ଯ୍ୟାତନ ବଢି ଚାଲିଛି । ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ରାଜ୍ୟର ସମସ୍ତ ବ୍ଲକରେ ଆସନ୍ତା ୧୫ ତାରିଖ ଅପରାହ୍ନରେ ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ମଶାଲ ଶୋଭାଯାତ୍ରା କରାଯିବ । ଏହି ପରୀପ୍ରେକ୍ଷୀରେ ଅନୁରୂପ ଭାବେ କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ ମଧ ମଶାଲ ଶୋଭଯାତ୍ରା କରାଯିବ । କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ଜିଲ୍ଲା ସଭାପତି ରବି ମଲିକ, ଜିଲ୍ଲା ପର୍ଯ୍ୟବେକ୍ଷକ ଡଃ. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ମଶାଲ ଶୋଭାଯାତ୍ରା ସଂପର୍କରେ ଉପସ୍ଥିତ କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରିଥିଲେ । ମହିଳାମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନରେ ବିଜେପି ସରକାର ବିଫଳ ହୋଇଛନ୍ତି । ଏହାର ପ୍ରତିବାଦରେ ନୂଆ ବଜାର ଗୋଶାଳା ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ନୂଆ ବଜାର ବ୍ଲକ ଛକ ନିକଟରେ ପହଞ୍ଚିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ଶିଶିର ରଥ, ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, କଟକ ନଗର ଜିଲ୍ଲା କଂଗ୍ରେସ ମୁଖ୍ୟ ମଖପାତ୍ର ମାନସ ପରିଡା, ନିର୍ମଳ ସ୍ୱାଇଁ, ପ୍ରଶାନ୍ତ ଭୋଇ, ବିପିନ ପଶାୟତ, ନିରଞ୍ଜନ ଲେଙ୍କା, ପ୍ରଭାତ ଖଟୁଆ, ଅଜୟ ମଲିକ, ଯୁଗଳ କିଶୋର ବେହେରା, ଜୟନାରାୟଣ ତ୍ରିପାଠୀ, ସଚିଦାନନ୍ଦ ରାଉତ, ଇଲୁ ସିଂହ, ଶରତ କୁମାର ଦାସ, ମଧୁସୂଦନ ସେନାପତି, କାଳନ୍ଦୀ ଖୁଣ୍ଟିଆ, ଅଲ୍‌ମାସ ରାଗିବ୍, ମହମ୍ମଦ କାଶିମ୍, ତନ୍ମୟ ପରିଜା, ଲିପୁନ ରାଉତ, କୃଷ୍ଣଚନ୍ଦ୍ର ଭୋଇ, ଆଶିଷ କୁମାର ବର୍ମନ, ଆଲୋକ ଜେନା, ଜୀବନ ଜେନା, ନଜିବୁର ହୁସେନ୍ ଖାନ୍, ସତ୍ୟରଂଜନ ବିଟ୍ , ବୈକୁଣ୍ଠନାଥ ମଲିକ, ରମେଶ ବେହେରା, ନରେନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ପଂଚାୟତ ସଭାପତି ବ୍ଲକ ଓ ଜିଲ୍ଲା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ଉପାଧ୍ୟକ୍ଷ ନିର୍ବାଚନ - ମାନବିକତାର ବିକ୍ରି , ହଜିଗଲା ଆତ୍ମସମ୍ମାନ

ନିଶ୍ଚିନ୍ତକୋଇଲି **୧୨/୪ (ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ତାଙ୍କ ପଦବୀରୁ ଇସ୍ତଫା ଦେବା ପରେ ଉକ୍ତ ପଦବୀ ଫାଙ୍କା ପଡିଥିଲା । ଉପାଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ୧୧ ତାରିଖକୁ ସରକାରୀ ସ୍ତରରେ ନିର୍ଦ୍ଦେଶ ଆସିଥିଲା ।ଏହି ବ୍ଲକର ୪୧ ଟି ପଂଚାୟତ ମଧ୍ୟରୁ ୨୭ ଗୋଟି ପଂଚାୟତ ମାହାଙ୍ଗାବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ବେଳେ ୧୪ ଗୋଟି ପଂଚାୟତ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନରେ ରହଛି । ଉପାଧ୍ୟକ୍ଷ ନିର୍ବାଚନ ପାଇଁ ୪/୫ ଦିନ ପୂର୍ବରୁ ଉଭୟ ମାହାଙ୍ଗା ଓ ସଦର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଲାଗି ରହିଥିଲା । ଗଣମାଧମରେ ଉପନିର୍ବାଚନ ବାବଦରେ ବିଭିନ୍ନ ପ୍ରକାର ଖବର ପ୍ରଚାର ପ୍ରସାର ହୋଇଥିଲା । ଏହି ଉପାଧ୍ୟକ୍ଷ ପଦବୀ ପାଇଁ ମାହାଙ୍ଗାର ବର୍ତ୍ତମାନର ସ୍ୱାଧୀନ ବିଧାୟକ ତାଙ୍କ ସମର୍ଥୀତ ପ୍ରାର୍ଥୀ ନୃସିଂହ ମିଶ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଭାବେ ମହମ୍ମଦପୁର ପଂଚାୟତ ସମିତି ସଭ୍ୟ ରଂଜନ କୁମାର ପାତ୍ର ପ୍ରତିଦ୍ୱନ୍ଦିତା କରୁଥିଲେ । ଶ୍ରୀ ମିଶ୍ରଙ୍କ ସପକ୍ଷରେ ୨୪ଜଣ ସମିତିସଭ୍ୟ ସଭ୍ୟା ମତଦାନ କରିଥିଲା ବେଳେ ଶ୍ରୀପାତ୍ରଙ୍କୁ ୧୬ ଜଣ ସମିତିସଭ୍ୟସଭ୍ୟା ସେମାନଙ୍କର ସମର୍ଥନ ଜଣାଇଥିଲେ ।ଜଣେ ସମିତିସଭ୍ୟ ନିର୍ବାଚନରୁ ନିବୃ□ ରହିଥିଲେ । ଉପାଧ୍ୟକ୍ଷ ପଦବୀ ଯିଏ ହାତେଇଲେ ସେ ପୂର୍ବରୁ ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପଙ୍କ ଏକାନ୍ତ ଅନୁଗତ୍ୟ ଥିବା ବେଳେ ଏହି ନିର୍ବାଚନରେ ଜିଗ୍ନିପୁର ପଂଚାୟତ ସମିତିସଭ୍ୟ ଶ୍ରୀ ଅଶୋକ କୁମାର ଓଝା ସ୍ୱାଧୀନ ବିଧାୟକଙ୍କ ପରାମର୍ଶରେ ବହୁ ବିଜେଡି ସମର୍ଥୀତ ସମିତିସଭ୍ୟ ସଭ୍ୟାଙ୍କୁ ଘୋଡା ବେପାର କରି ନୃସିଂହଙ୍କ ପାଇଁ ସମର୍ଥନ ଯୋଗାଡ କରିଥିବା କଥା ସାଧାରଣରେ ଚର୍ଚ୍ଚା ହେଉଛି । ବିଗତ ଦିନରେ ଏହି ସବୁ ପଂଚାୟତ ସ୍ତରୀୟ ନେତାମାନେ ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପଙ୍କ ସହ ରହି ଛାଇ ପରି ସାଥେ ରହିଛୁ, ଭାଇ ପରି ବଳ ଦେଉଛୁ ନାରା ଦେଇ ବୁଲୁଥିଲେ । ହେଲେ ସାଧାରଣ ନିର୍ବାଚନରେ ସ୍ୱାଧୀନ ବିଧାୟକ ଜିତିବା ପରେ ଯେଉଁମାନେ ପ୍ରତାପଙ୍କ ସହ ଯୋଡି ହୋଇଥିଲେ ଏବଂ ପ୍ରତାପଙ୍କ ମାଧମରେ ଅନେକ ସାହାଯ୍ୟ ସହଯୋଗ ପାଇଥିଲେ ସେମାନେ ଏବେ_ପ୍ରତାପଙ୍କୁ ଛାଡିନିଜ ପଦବୀର ସୁରକ୍ଷା ଓ ଅର୍ଥ ରୋଜଗାର ଆଶରେ ସ୍ୱାଧୀନ ବିଧାୟକଙ୍କ ଶରଣ ପଶିଛନ୍ତି । ସେମାନେ ନିଜର ଆତ୍ମ ସମ୍ମାନକୁ ଜଳାଞ୍ଜଳୀ ଦେଇ ମାନବିକତାକୁ ସ୍ୱାଧୀନ ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀଙ୍କ ସପକ୍ଷର ମତଦାନ ଦେଇଥିଲେ । ଯାହା ନୃସିଂହ ମିଶ୍ରଙ୍କ ଖାତାକୁ ଯାଇଥିଲା । ଅପର ପକ୍ଷରେ ମିଶ୍ରଙ୍କ ପ୍ରତିଦ୍ୱନ୍ଦୀ ଶ୍ରୀ ପାତ୍ର ୧୬ଖଣ୍ଡ ସ୍ୱାଭିମାନୀ ଭୋଟ ପାଇବାରେ ସକ୍ଷମ ହୋଇଥିଲେ ।

# ଢେଙ୍କିକୋଟ ଓ ପିପିଳିଆ ରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

ପାଟଣା **୧୨/୪ (ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଓ ପିପିଳିଆ ଠାରେ ପୃଥକ ଭାବେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ର ଶୁଭାରମ୍ଭ ଉପଲକ୍ଷେ ସମାବେଶ ର ଆୟୋଜନ ହୋଇଥିଲା । ଢେଙ୍କିକୋଟ ଠାରେ ସାଂସଦ ପ୍ରତିନିଧି ଅଖିଳ ପାତ୍ର ଏହାକୁ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ତହସିଲଦାର ଭବାନୀ ପ୍ରଧାନ , କାର୍ଯ୍ୟକ୍ରମ ର ମୁଖ୍ୟ ତତ୍ତ୍ୱାବଧାରକ ବିଡ଼ିଓ ଖଗେଶ୍ୱର ବରାଳ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡକ୍ଟର ମୁକ୍ତିକାନ୍ତ ନାୟକ, ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡ଼କ୍ଟର ପୂର୍ଣ୍ଣ ଚନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇଥିବାବେଳେ ରୋହିତ କୁମାର ବେହେରା କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ସିଡିପିଓ ଜୟନ୍ତୀ ମହାନ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ଅରୂପା ନନ୍ଦ ସେଠୀ , ପରି ସଂଖ୍ୟାନ ସହକାରୀ ବିପିନ ବିହାରୀ ଷଡ଼ଙ୍ଗୀ ,ହେମନ୍ତ ବାରିକ,କନିଷ୍ଠ ଯନ୍ତ୍ରୀ ଇଂ ପ୍ରତାପ ବେହାରି , ପିଇଓ ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ଏଠାରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ର ସିଧା ପ୍ରସାରଣ ପରେ ୨୨ ଜଣ କୁ ଏହି ଯୋଜନାର ଏକକ କାର୍ଡ ବଣ୍ଟନ କରାଯାଇଥିଲା ।ସେହିପରି ପିପିଳିଆ ଠାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଡଃ ଶମ୍ଭୁନାଥ ରାଉତ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ ବିଡ଼ିଓ ଖଗେଶ୍ୱର ବରାଳ , ଝାରବେଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡ଼କ୍ଟର ପ୍ରିୟ ବ୍ରତ ଦାସ ,ଆୟୁଷ ଡ଼ାକ୍ତର ଅଶୋକ କୁମାର ସାହୁ, ବିପି ଏମ ସୁନୀତା ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରେମାନନ୍ଦ ମହାନ୍ତ ଓ ଯଶୋଦା ମହାନ୍ତ ଙ୍କ ସହ ସ୍ୱାସ୍ଥ୍ୟ କର୍ମୀ ମନୋଜ ଜେନା ଭୋଳାନାଥ ପାତ୍ର ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।ଏଠାରେ ୨୦ ଜଣ କୁ ମୁଖ୍ୟ ଅତିଥି ଶ୍ରୀ ରାଉତ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ କରିଥିଲେ ।

## ଡ଼, ଆମ୍ବେଦକର ଜୟନ୍ତୀ ପାଳନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ

ଫୁଲବାଣୀ **୧୨/୪ (ନି.ପ୍ର):** କନ୍ଧମାଳ ଜିଲ୍ଲା ଡ,ବି ଆର ଆମ୍ବେଦକର ସ୍ମୃତି କମିଟି କନ୍ଧମାଳ ତରଫରୁ ସ୍ଥାନୀୟ ସ୍ୱୟଂ ସହାୟକ ମହାବିଦ୍ୟାଳୟ ଛକ ତଥା କନ୍ଧମାଳ ଜିଲ୍ଲା କୁଇ ସମାଜ ସମନ୍ୱୟ ସମିତି କାର୍ଯ୍ୟାଳୟ ଠାରେ କମିଟିର ସଭାପତି ଶ୍ରୀ ସମୀର ଘଟାଲ୍ ଙ୍କ ନେର୍ଦ୍ଦେଶ କ୍ରମେ ତଥା ସ୍ମୃତି କମିଟିର ଉପଦେଷ୍ଟା, ବରିଷ୍ଠ ଆଇନଜୀବୀ, କନ୍ଧମାଳ ଜିଲ୍ଲାର ବିଶିଷ୍ଟ ଆଦିବାସୀ ନେତା ଶ୍ରୀ ଲମ୍ବଧର କହଁର ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଡ଼ାକି ସମ୍ବିଧାନ ଜନକ ବା ପ୍ରଣେତା ବାବା ସାହେବ୍ ଙ୍କ ୧୩୪ ତମ ଜୟନ୍ତୀ କନ୍ଧମାଳ ଜିଲ୍ଲା ସଦର ମହକୁମାରେ ପାଳନ ନ କରି ଚଳିତ ବର୍ଷ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ରାଇକିଆରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।ଉକ୍ତ ଦିନ ତଥା ୧୪/୦୪/୨୦୨୫ ରିଖରେ ରାଇକିଆ ର ବେରେଡ୍। କିଆ ଛକ ଠାରୁ ଏକ ବିଶାଳ ରାଲି ବାହାରି ସମ୍ଭବତ ୫ ,୦୦୦ ରୁ ଅଧିକ ଲକ ଏହି ବିଶାଳ ରାଲିରେ ସମ ।ବେଶିତ ହୋଇ ବେରେଡ। କିଆ ଛକ ଠାରୁ ବାହାରି ରାଇକିଆ ମୁଖ୍ୟ ବଜାର ଦେଇ ନୂତନ ଭାବେ ପ୍ରତିଷ୍ଠିତ ବାବା ସାହେବ୍ ଙ୍କ ପ୍ରତିମୂର୍ତ୍ତି ଉନ୍ମଚ କରି ସେଠାରୁ ବାହାରି ଚୂନ ପାଲି ଠାରେ କତକନ୍ଧି ଠାରେ ସାଧାରଣ ସଭା କରିବା ପାଇଁ ରାଇକିଆ ଆମ୍ବେଦକର ସ୍ମୃତି କମିଟି ତରଫରୁ ସଭାପତି ଶ୍ରୀ ସମୀର ଘଟାଲ୍ ଙ୍କୁ ଅନୁରୋଧ କରିଥିଲେ ବଲି ଶ୍ରୀ କହଁର ସମ୍ମିଳନୀରେ କହିଥିଲ ।

## ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ସଂଘ, ନନ୍ଦାହାଣ୍ଡି ବ୍ଲକ ତରଫରୁ ୭ ଦଫା ଦାବି ପତ୍ର ପ୍ରଦାନ

ନନ୍ଦାହାଣ୍ଡି**୧୨/୪ (ନି.ପ୍ର):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ର ସମସ୍ତ ଓଡିଶା ଜୀବିକା ମିଶନ ଶକ୍ତି ଇ ସି ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଓ ନୂତନ କମିଟି ଗଠନ କରାଯାଇଥିଲା କ୍ଷ ବ୍ଲକ ସଭାନେତ୍ରୀ ଭାବେ ଶ୍ରୀମତୀ ସଂଯୁକ୍ତା ଗଦବା ଉପ ସଭାନେତ୍ରୀ ଶ୍ରୀ ମତୀ ମୁନି ଟାକ୍ରୀ ସମ୍ପାଦିକା ଶ୍ରୀ ମତି ସୁରମା ସୁନା ସହ ସମ୍ପାଦିକା ବନିତା ହରିଜନ କଷାଦକ୍ଷ ଗୀତା ନାୟକ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଏବଂ ହାଟ ପଦା ଠାରୁ ଏକ ଶଭା ଯାତ୍ରା ବାହାରି ବ୍ଲକ ଅଫିସ ରେ ପହଞ୍ଚି ଥିଲେ ସେଠାରେ ନନ୍ଦାହାଣ୍ଡି ବିଡ଼ିଓ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଙ୍କୁ ୭ ଦଫା ଦାବୀ ପତ୍ର ପ୍ରଦାନ କରାଗଲା । ଏଥିରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ଉପଦେଷ୍ଟା ପରମେଶ୍ୱର ବିଷୋୟୀ,ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ,ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ସଂଘ, ନବରଙ୍ଗପୁର ଜିଲ୍ଲା ସମ୍ପାଦିକା ପ୍ରମିଳା ସାମନ୍ତରାୟ ପରିଚାଳନା କରିଥିଲେ । ଦାବୀଗୁଡିକ ଯଥା: ୧ ) ଓଡିଶା ଜୀବିକା ମିଶନଶକ୍ତି ଇ.ସି ମାନଙ୍କୁ ସରକାରୀ କର୍ମଚାରୀ ରୁପେ ଘୋଷଣାକରାଯାଉ ।( ୨ ) ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ସରକାରଙ୍କ ଦୈନିକ ମଜୁରୀ ହାରରେ ବେତନଦିଆଯାଉ ।(୩) ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ ଯେ ଯେଉଁ ପଦବୀରେ ଅଛନ୍ତି ତାଙ୍କୁ ସ୍ଥାୟୀକରାଯାଉ ।( ୪ ) ଓଡିଶା ଜୀବିକା ମିଶନ ଶକ୍ତି ଇ.ସି ମାନଙ୍କୁ କାର୍ଯ୍ୟରତ ସମୟରେ ଦୁର୍ଘଟଣା ଜନୀତ ମୃତ୍ୟୁ ହେଲେ ଦଶଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲେ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଉ ।

# ମାରଦା ମନ୍ଦିର ପରିଚାଳନା ପରିଷଦର ବୈଠକ

### ( ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଡ଼ିଓ ଙ୍କୁ ଜଗନ୍ନାଥ ପ୍ରେମୀଙ୍କ କୃତଜ୍ଞତା )

ପୋଲସରା **୧୨/୪ (ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଚାଳନା ପରିଷଦର ଏକ ବୈଠକ ଏପ୍ରିଲ ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା ପରିଷଦର ଉପ ସଭାପତି ତଥା ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧକ୍ଷତାରେ ଆୟୋଜିତ ବୈଠକକୁ ପରିଷଦର ସମ୍ପାଦକ ତଥା ଆବାହକ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର ସଂଯୋଜନା କରିଥିଲେ । ମାରଦା ଜଗନ୍ନାଥ ମନ୍ଦିରର ଦୈନନ୍ଦିନ ପରିଚାଳନା ନିମନ୍ତେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଭୋଗନୀତିକୁ ପୁନଃ ପ୍ରଚଳନ କରିବା ନିମନ୍ତେ ୬୫୦ ଟଙ୍କାର ଏକ ଅଟକଳ ପ୍ରସ୍ତୁତ ହୋଇଥିଲା। ଏହା ସହିତ ବିଦ୍ୟୁତ ବିଲ ପୈଠ, ମନ୍ଦିର ପରିସରରେ ଥିବା ଉଦ୍ୟାନର ରକ୍ଷଣାବେକ୍ଷଣ, ମନ୍ଦିରର ସୁରକ୍ଷା ସହିତ ସ୍ଥାୟୀ କାର୍ଯ୍ୟାଳୟ, ମନ୍ଦିରରେ ପାଳନ ହେଉଥିବା ୪ଟି ଯାତନୀତି ପାଇଁ ୨୫ ହଜାର ଟଙ୍କାର ବ୍ୟୟ ଅଟକଳ, ସରକାରୀ ବସକୁ ମନ୍ଦିରର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଚଳାଚଳ,





ପ୍ରମୁଖ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା । ମନ୍ଦିରର ଆୟ ବୃଦ୍ଧି ସହ ନିଜସ୍ୱ ପରିଚାଳନା ନିମନ୍ତେ ବ୍ୟକ୍ତିଗତ ଦାନରାଶି ସଂଗ୍ରହ କରାଯିବ, ଯାହାକୁ ମାରଦା ପରିଚାଳନା ପରିଷଦର ତଦାରଖରେ ଉନ୍ନୟନ ପରିଷଦ କାର୍ଯ୍ୟକାରୀ କରିବ । ମାରଦା ମନ୍ଦିରକୁ ଗଞ୍ଜାମ ଜିଲ୍ଲାପାଳ ବ୍ୟକ୍ତିଗତ ଦୁଇ ଲକ୍ଷ ଟଙ୍କା ଦାନ ପ୍ରଦାନ ପରେ ବିଡିଓ ମଧ ବ୍ୟକ୍ତିଗତ ଭାବେ ଏକଲକ୍ଷ ଟଙ୍କା ଦାନ କରିଥିଲେ । ଏହିପରି ଅର୍ଥରାଶି ବୃଦ୍ଧି ନିମନ୍ତେ ସଂପୃକ୍ତ କମିଟି ଜନ ସଚେତନତା ସହ ଏକ ରଥ ପୋଲସରା ଅଞ୍ଚଳରେ ପରିକ୍ରମା କରାଯିବାକୁ ନିଷ୍ପତି ହୋଇଥିଲା । ଏହି ବୈଠକରେ ଆଲୋଚନା ବିଷୟବସ୍ତୁକୁ ଗଞ୍ଜାମ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବା ନିମନ୍ତେ ଆଲୋଚନା ହୋଇଥିଲା । ମାରଦା ଉନ୍ନୟନ ପରିଷଦର ମଥୁରା ମହନ୍ତ ସୁନ୍ଦର ରାମଦାସ ମହାରାଜ, ଉପସଭାପତି ରମେଶ ପ୍ରଧାନ, ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଟାଟା ପାୱାର , ପୋଲସରା ଥାନାଧିକାରୀ କୌଶିକ ମାଝୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ଜଗବନ୍ଧୁ ମହାପାତ୍ର, ପବିତ୍ର କୁମାର ନାୟକ, କାମ୍ପ ବଢେଇ, ମନୋଜ କୁମାର ଖଟୁଆ, ପ୍ରସନ୍ନ କୁମାର ଡାକୁଆ, ମଙ୍ଗୁଲୁ ସାହୁଙ୍କ ସମେତ ଜଗନ୍ନାଥ ପ୍ରେମୀ ମାନେ ଉପସ୍ଥିତ ଥିଲେ । ଦୀର୍ଘ ବ୍ୟବଧାନ ପରେ ଗଞ୍ଜାମ ଜିଲ୍ଲାପାଳ, ଛତ୍ରପୁର ଉପଜିଲ୍ଲାପାଳ ଓ ପୋଲସରା ବିଡ଼ିଓଙ୍କ ଆନ୍ତରିକ ଉଦ୍ୟମରେ ମାରଦା ମନ୍ଦିର ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇ ମନ୍ଦିରର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ ହୋଇଥିବା ଯୋଗୁଁ ଜଗନ୍ନାଥ ପ୍ରେମୀ ବୃନ୍ଦ ଆନନ୍ଦ ପ୍ରକାଶ ସହ କୃତଜ୍ଞତା ଜଣାଇଛନ୍ତି।

## ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ପାଟଣା **୧୨/୪ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟତ୍ରୀ ଅନିମା ସାମନ୍ତରାୟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସତ୍ୟାନନ୍ଦ ସେଠୀ,ପ୍ରଫୁଲ୍ଲ ନାଏକ,ଓ ନିର୍ମଳ ମହାନ୍ତ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଶିକ୍ଷୟତ୍ରୀ ଦେବଶ୍ରୀ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।ଶିକ୍ଷକ ନୃପ କୁମାର ମାଟିଆ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଶୃଙ୍ଖଳିତ ଜୀବନ ଯାପନ ଶହ ସମାଜ ରେ ଭଲ ମଣିଷ ଭାବେ ପରିଚିତ ହେବାକୁ ପ୍ରଧାନ ଶିକ୍ଷୟତ୍ରୀ ନିଜ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସର୍ବ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଚିକିଟୀ ବ୍ଲକ ରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ



ଚିକିଟୀ **୧୨/୪ (ନି.ପ୍ର):** ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ଉପସ୍ଥିତି ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା କଟକ ଠାରେ ଆଭାସୀ ମାଧମରେ ଆୟୁଷ୍ମାନ ଭାରତ ଯୋଜନାକୁ ସାରା ରାଜ୍ୟରେ ଲାଗୁ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକରେ ମଧ ଏହାର ଶୁଭାରମ୍ଭ ହୋଇଯାଇଛି। ସୁମାଣ୍ଡି ଠାରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏହି ଯୋଜନାର ଶୁଭାରମ୍ଭ କରିବା ସହିତ କୌଣସି ଗରିବ ଲୋକ ଆଉ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ପାରିବେ ନାହଁ ବୋଲି ପ୍ରକାଶ କରିଥିଲେ। ସେହିପରି ବ୍ଲକର ନୂଆପଡା, କରବାଲୁଆ, କୋଟିଲିଙ୍ଗି, ସୁରଳ, ଆଦି ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ନୂଆ ଏକକ କାର୍ଡ ବିତରଣ ସହିତ ଆୟୁଷ୍ମାନ୍ ଯୋ ବନ୍ଦନା ଯୋଜନା ର ଶୁଭାରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ବିଡ଼ିଓ ପ୍ରମୋଦ କୁମାର ନାୟକ,ଡାକ୍ତର ରାଜେଶ କୁମାର ମିଶ୍ର, କିରଣ କୁମାର ନାୟକ, ଇପ୍ସିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଥିବା ବେଳେ ସିପି କିଶୋର କୁମାର କର ଓ ରାଜ କିଶୋର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶହ ଶହ ହିତାଧିକାରୀ ଉପସ୍ଥିତ ରହି ସେମାନଙ୍କ ଆୟୁଷ୍ମାନ କାର୍ଡ ଗ୍ରହଣ କରିଥିଲେ।

## ହୃଦଘାତ ରୁ ଗାଡ଼ି ଚାଳକ ଙ୍କ ପରଲୋକ

ପାଟଣା **୧୨/୪ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତର ଡିଆନାଳୀ ଗ୍ରାମର କାଣ୍ଡେ ମୁଣ୍ଡା ଙ୍କ ପୁଅ ବଳଭଦ୍ର ମୁଣ୍ଡା ଙ୍କ ର ହୃଦଘାତ ରେ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗତକାଲି ବଳଭଦ୍ର ମୁଣ୍ଡା ବଅଁରପାଳ କୁ ଗାଡ଼ି ଚଳେଇବା ପାଇଁ ଯାଇଥିବା ସମୟରେ ଆଜି ସକାଳେ ବଳଭଦ୍ର ଙ୍କ ର ଗାଡ଼ି ଭିତରେ ହଠାତ୍ ହୃଦଘାତ ହୋଇଥିବା ବେଳେ ତାଙ୍କର ଭାଇ ସୁନିଆ ମୁଣ୍ଡା ତୁରନ୍ତ ବଳଭଦ୍ର ଙ୍କୁ ପାଖ ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ଥିବା ଡ଼ାକ୍ତର ଦେଖି ବଳଭଦ୍ର ଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇ ପାଟଣା ବ୍ଲକ ଡ୍ରାଇଭର ମହାସଂଘ ସଦସ୍ୟମାନେ ବଳଭଦ୍ର ମୁଣ୍ଡା ଙ୍କ ଘରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଛନ୍ତି।

# ବିଜେଡି କଳି ବଢୁଛି: ନାଲି ଆଖିକୁ ଡରିଲେନି



ଭୁବନେଶ୍ୱର,୧୨/୪: ପ୍ରଥମେ ନାଲି ଆଖି ଦେଖାନ୍ତି। ତା' ପରେ ନେତା ଓ କର୍ମୀଙ୍କୁ ଲଗାଇ ବଦନାମ କରାନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍ କରାଇ ସେମାନଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣନ୍ତି। ଏତିକିରେ ନ ଦବିଲେ, ଶେଷରେ ସରକାରୀ କଳର ଅପବ୍ୟବହାର କରାନ୍ତି। ଗତ କିଛି ବର୍ଷ ହେଲା ଏହା ଥିଲା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର କାର୍ଯ୍ୟ କରିବାର ତରିକା। କ୍ଷମତାରେ ଥିଲା ବେଳେ ନାଲି ଆଖି ଦେଖି ଅନ୍ୟ ନେତାମାନେ ଡରି ଯାଉଥିଲେ। ଏବେ ସ୍ଥିତି ବଦଳିଯାଇଛି। ନାଲି ଆଖି ଦେଖାଇ ନେତାମାନଙ୍କର ପାଣ୍ଡିଆନ ବିରୋଧୀ ମେଳିକୁ ଭାଙ୍ଗିବାକୁ ନବୀନ ଯେଉଁ ଉଦ୍ୟମ କରିଥିଲେ, ତାହା ଆପାତତଃ ସଫଳ ହୋଇନି। ବରଂ ନାଲି ଆଖି ନ ଦେଖାଇବାକୁ ବରିଷ୍ଠ ନେତାମାନେ ପରୋକ୍ଷରେ ସତର୍କ କରାଇ ଦେଇଛନ୍ତି। ଗତକାଲି ପ୍ରଭାତ ତ୍ରିପାଠୀ ଗଣମାଧ୍ୟମକୁ ଆସି ନବୀନଙ୍କ ମିଥ୍ୟା ମନ୍ତବ୍ୟର ପ୍ରତିବାଦ କରିଥିଲେ। ଆଜି ଦୁଇ ଜଣ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ଓ ନୃସିଂହ ସାହୁ ମୁହଁ ଖୋଲିବା ଘଟଣା ବେଶ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କଡ଼ା ଭାଷାରେ ଅସନ୍ତୋଷ ଝାଡ଼ି କହିଛନ୍ତି, କିଏ କାହାକୁ ନାଲି ଆଖି ଦେଖାଇ ପାରିବନି। କିଏ କେଉଁଠି ବସିବ, ତାହା ବ୍ୟକ୍ତିଗତ କଥା। ଆମର ବୟସ ହେଲାଣି। ଆମେ ଚାକିରି କରିନୁ। ଆମେ ହୋଟେଲରେ ବସି ପାରିବୁନି ବୋଲି କହିବା ଠିକ୍ ହେଲାନି। ସେ ଆହୁରି କହିଛନ୍ତି, ଭିକେ ପାଣ୍ଡିଆନ ଏବେ ବି ଦଳର ସବୁ କାମ ବୁଝୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ବୁଝୁନାହାନ୍ତି ବୋଲି ନିଜେ ଆସି ଗଣମାଧ୍ୟମରେ କହି ଦେଉନାହାନ୍ତି ? ସେ ନିଜେ କହିଦେଲେ ସବୁ ସ୍ପଷ୍ଟ ହୋଇଯିବ। ସେହିପରି ପୂର୍ବତନ ମନ୍ତ୍ରୀ ନୃସିଂହ ସାହୁ କହିଛନ୍ତି, ଶଙ୍ଖ ଭବନରେ ଆମେ ଅନେକ ବୈଠକ କରିଛୁ। ସବୁ ଦଳୀୟ ବୈଠକ ସେଠାରେ ହୁଏ। କିନ୍ତୁ ବାହାରେ କେଉଁଠି ବସିବା କି କଥାବାର୍ତ୍ତା କରିବାରେ ଅସୁବିଧା କ'ଣ ? ଆମେ କାଲି ସକାଳ ଜଳଖିଆ ଖାଇବାକୁ ହୋଟେଲ୍ ଯାଇଥିଲୁ। ରାଜନୈତିକ ଲୋକ ଏକାଠି ବସିଲେ ଜନୀତି ଚର୍ଚ୍ଚା ହିଁ ହେବ। ତେଣୁ କିଛି ରାଜନୈତିକ ଆଲୋଚନା ହୋଇଥିଲା। ଆମେ କେଉଁଠି ବସିବୁ ଉଠିବୁ, ସେଥି ପାଇଁ କ'ଣ ସଭାପତିଙ୍କ ଅନୁମତି ନେବୁ ? ଏହି ଦୁଇ ନେତା ଆଗକୁ ଆସି ବିଷୋଦଗାର କରିଥିବାବେଳେ ଅନ୍ୟ କିଛି ବରିଷ୍ଠ ନେତାଙ୍କ ଭିତରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସଭାପତି ମୂଳ ପ୍ରସଙ୍ଗ ୱକଫ୍ ବିଲ୍ ଉପରେ ମତାମତ ନ ରଖି କେବଳ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ଆଗକୁ ଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ପାଣ୍ଡିଆନଙ୍କ ପାଇଁ ଦଳ ଏତେ ଦଶା ଭୋଗିଲା ପରେ ବି ସଭାପତି ବାରମ୍ବାର ତାଙ୍କୁ ପ୍ରଶଂସାରେ ପୋତି ପକାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ପାଣ୍ଡିଆନ ଦଳରେ ନାହାନ୍ତି, ଏହା ସତ୍ୟ। କିନ୍ତୁ ଦଳୀୟ ବ୍ୟାପାର କିଛି ବୁଝୁନାହାନ୍ତି ବୋଲି କହିବା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନେତାମାନେ କହିଛନ୍ତି। ପୁଣି ପାଣ୍ଡିଆନ ସୁନାମୁଣ୍ଡା ବୋଲି ଦେଖାଇବାକୁ ଯାଇ ନିଜ ଦଳର ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କ ପ୍ରତି ନବୀନଙ୍କ ଆକ୍ଷେପକୁ ଦଳୀୟ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ଆଗାମୀ ଦିନରେ ଏକ ବଡ଼ଧରଣର ବିଦ୍ରୋହ ମୁଣ୍ଡ ଟେକିବାର ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପଟେ ୱକଫ୍ ବିଲ୍ ପ୍ରସଙ୍ଗରୁ ଆରମ୍ଭ ହୋଇଥିବା ମହାଭାରତରେ ବିଜେଡି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ନେତା ଓ କର୍ମୀମାନଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ସଭାପତିଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆସିଥିବାରୁ ତାହାକୁ ସଜାଡ଼ିବା ପାଇଁ ବିଜେଡିର ଯୁବ ଓ ଛାତ୍ରବାହିନୀଙ୍କୁ 'ରିଲ୍ସ' କରିବାକୁ କୁହାଯାଇଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ତାହା ସେତେଟା ଆଖିଦୃଶିଆ ଓ ପ୍ରଭାବୀ ହୋଇପାରୁନି। ରାଜନୈତିକ ସମୀକ୍ଷକମାନଙ୍କ କହିବା ଅନୁଯାୟୀ 'ରିଲ୍ସ' କରୁଥିବା ଯୁବ ନେତାମାନେ ବିଜେଡିରେ ଥିଲେ ଓ ଏବେ ବି ଅଛନ୍ତି। ତେଣୁ ସେମାନେ ନବୀନଙ୍କ ସହ ପୂର୍ବରୁ ରହିଆସିଥିଲା ବେଳେ ଏବେ ପୁଣି ଥରେ 'ଆଇ ଆମ୍ ଉଇଥ୍ ନବୀନ ପଟ୍ଟନାୟକ' କହିବା କ'ଣ ଦରକାର ପଡ଼ିଲା ? ନିଶ୍ଚିତ ଭାବେ ଦଳ ଭିତରେ ବଡ଼ଧରଣର ଗଡ଼ବଡ଼ ହୋଇଥିବାରୁ ସାମାଜିକ ଗଣମାଧ୍ୟମର ସାହାରା ନେବାକୁ ପଡ଼ିଲା ବୋଲି ସ୍ପଷ୍ଟ ହୋଇଛି।

## ଆଧାର କାର୍ଡ ସାଜିଛି ବାଧକ

### ସରକାରୀ ଯୋଜନାରୁ ବଞ୍ଚିତ ଯାଜ୍ଞସେନୀ



ମୁଖୀଗୁଡା,୧୨/୪: ଆଧାର କାର୍ଡ ନଥିବା ଯୋଗୁଁ ଯାଜ୍ଞସେନୀଙ୍କ ପାଇଁ ସବୁ ଯୋଜନା ଅଧାରେ ରହିଯାଇଛି। ସାମାନ୍ୟ ଆଧାର କାର୍ଡଟିଏ ପାଇଁ ବାର ଦୁଆର ହେବା ପରେ ମଧ୍ୟ କାର୍ଡ ହୋଇପାରୁନାହିଁ। ଯାହା ଫଳରେ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ଆବାସ, ଭିନ୍ନକ୍ଷମ ଭତ୍ତା ଭଳି କୋଣସି ଯୋଜନାର ଲାଭପାଇପାରୁ ନାହାନ୍ତି ଜୟପାଟଣା ୯ନମ୍ବର ୱାର୍ଡ ବାସିନ୍ଦା ଯାଜ୍ଞସେନୀ ପରିଛା । ଯାଜ୍ଞସେନୀଙ୍କ ବୟସ ୫୩। ମାଟ୍ରିକ ଯାଏଁ ପାଠ ପଢିବା ପରେ ତାଙ୍କ ମାନସିକ ବିକୃତି ଘଟିଲା ।ବିଭିନ୍ନ ପ୍ରକାର ଚିକିତ୍ସା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଅବିବାହିତ ଯାଜ୍ଞସେନୀ ବାପା ,ମାଙ୍କ ମୃତ୍ୟୁ ପରେ ଏବେ ଭାଇ ଓ ଭାଉଜ ଭରସାରେ ରହିଥିବା ବେଳେ ସରକାରୀ ସହାୟତା ନପାଇ ଦୁର୍ବିସହ ଜୀବନ କାଟୁଛନ୍ତି। ସବୁ ଯୋଜନା ଅଛି କିନ୍ତୁ ତାଙ୍କ ପାଖରେ ଆଧାର କାର୍ଡଟିଏ ନଥିବା ଯୋଗୁଁ ସବୁ ଯୋଜନା ଯେପରି ତାଙ୍କ ପାଇଁ ହୋଇନାହିଁ। ଏ ନେଇ ଅନେକ ଥର ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ସୁଦ୍ଧା ଆଧାର କାର୍ଡ ନଥିବା ଦର୍ଶାଇ ଅଧିକାରୀ ମାନେ କୋଣସି ଯୋଜନାରେ ସାମିଲ କରି ପାରୁନାହାନ୍ତି। ଯାଜ୍ଞସେନୀଙ୍କ ପରିବାର କହିଲେ ଭାଇ ଓ ଭାଉଜ। ଭାଇ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଯାହା ରୋଜଗାର କରନ୍ତି ତାଙ୍କ ପରିବାରକୁ ମଧ୍ୟ ନିଅଣ୍ଟ। ମାନସିକ ବିକୃତ ଯାଜ୍ଞସେନୀ ଦୁଇ ଓଳି ଦୁଇ ମୁଠା ଦେବାକୁ ମଧ୍ୟ କଷ୍ଟକର ହେଉଛି। ଯାଜ୍ଞସେନୀଙ୍କ ରାସନ କାର୍ଡ ତଥା ଭତ୍ତାଟିଏ ପାଇଁ ସେ ବି ଅନେକ ଥର ଚେଷ୍ଟା କରିଛନ୍ତି କିନ୍ତୁ ହୋଇ ପାରୁନାହିଁ । ସବୁଠି ସେଇ ଆଧାର କାର୍ଡ ହିଁ ବାଧକ। ଏବେ ଯାଜ୍ଞସେନୀଙ୍କୁ ଭଲ ଭାବରେ ଦେଖାଯାଉନାହିଁ । ଆର୍ଥିକ ଅବସ୍ଥା ଠିକ ନଥିବାରୁ ତାଙ୍କର ଆଖିର ଚିକିତ୍ସା ମଧ୍ୟ ହୋଇପାରୁ ନାହିଁ । ସରକାରୀ ସ୍ତରରେ କିଛି ସୁବିଧା ମିଳିବ ସେ ଚିନ୍ତାରେ ପୁରା ପରିବାର ରହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଯାଜ୍ଞସେନୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଆଉ ଦେଖିବେନି ପୀୟୁଷଙ୍କୁ

### ବର୍ଷକ ପାଇଁ ଯାତ୍ରା ମଞ୍ଚକୁ ଅଲ୍‌ବିଦା କଲେ ପୀୟୂଷ



ଭୁବନେଶ୍ୱର,୧୨/୪: ଯାତ୍ରା ପାର୍ଟି ବିବାଦର ଯବନିକା ପକାଇବା ପାଇଁ ଯାତ୍ରା ପାର୍ଟି ମାଲିକଙ୍କୁ କଳାକାର ପୀୟୁଷ ତ୍ରିପାଠୀ ଅଗ୍ରୀମ ଟଙ୍କା ଫେରାଇ ଦେଇଛନ୍ତି। ଭୁବନେଶ୍ୱରର ଏକ ହୋଟେଲ୍‌ରେ ଦୁଇ ଯାତ୍ରା ପାର୍ଟି 'ସୂର୍ଯ୍ୟମନ୍ଦିର' ଓ 'ସିଂହବାହିନୀ' ମାଲିକଙ୍କୁ ସେମାନେ ଦେଇଥିବା ଅଗ୍ରୀମ ୧କୋଟି ୧୫ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି ବୋଲି ପୀୟୁଷ କହିଛନ୍ତି। ଛୋଟ କଥାରୁ ବିବାଦ ହୋଇଥିଲା, ଆଶା କରୁଛି ଏହାର ଅନ୍ତ ହେଲା ବୋଲି ପୀୟୁଷ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟଗତ ଏବଂ ପାରିବାରିକ ସମସ୍ୟା ଯୋଗୁଁ ବର୍ଷେ ଯାତ୍ରା କରିବି ନାହିଁ। ବିଶ୍ରାମ ପରେ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ କରିବି। କଳାକାର ହିସାବରେ ସିନେମା ମିଳିଲେ କରିବି। ଗାଡ଼ି ମୋ ପାଖରେ ରହିବ, ଇଏମ୍ଆଇ ମୁଁ ଦେବି। ସମୟ ମୋତେ ବଦନାମ କରିଛି, ମାଧ୍ୟମ ଟଙ୍କା ସାଜିଲା ବୋଲି ପୀୟୁଷ ପ୍ରକାଶ କରିଛନ୍ତି। ଯାତ୍ରା ମାଲିକ ସଂଘ ସଭାପତି ସ୍ପଷ୍ଟ କରି କହିଛନ୍ତି ଯେ କଳାକାର କଳାକାର ପୀୟୁଷ ତ୍ରିପାଠୀ ଦୁଇ ଯାତ୍ରା ପାର୍ଟି 'ସୂର୍ଯ୍ୟମନ୍ଦିର' ଓ 'ସିଂହବାହିନୀ'ରୁ ନେଇଥିବା ଅଗ୍ରୀମ ପୀୟୁଷ ୧କୋଟି ୧୫ଲକ୍ଷ ଟଙ୍କା ଫେରାଇ ଦେଇଛନ୍ତି। ସେଥିମଧ୍ୟରୁ 'ସୂର୍ଯ୍ୟମନ୍ଦିର'କୁ ୬୦ଲକ୍ଷ ଏବଂ 'ସିଂହବାହିନୀ' ୫୫ଲକ୍ଷ ଟଙ୍କା ପୀୟୁଷ ଫେରାଇଛନ୍ତି। ପୀୟୁଷଙ୍କୁ ବ୍ୟାନ କରାଯାଇନାହିଁ। ପାରିବାରିକ ସମସ୍ୟାରୁ ବର୍ଷେ ବିଶ୍ରାମ ନେବେ। ଏନଓସି ନ ଦେବା ଯାଏଁ କଳାକାର ଅନ୍ୟ ଯାତ୍ରା ପାର୍ଟିକୁ ଯାଇପାରିବେ ନାହିଁ। ଯାତ୍ରା ମାଲିକ ସଂଘ ଆଗରେ କଳାକାର ପୀୟୁଷ ହାତଯୋଡ଼ି କ୍ଷମା ମାଗିଥିଲେ। ମାଲିକ-କଳାକାର ପରିପୂରକ, ଅସମ୍ମାନ ଠିକ ନୁହେଁ ବୋଲି ଯାତ୍ରା ମାଲିକ ସଂଘ ସଭାପତି ପ୍ରକାଶ କରିଛନ୍ତି।

## ପୁରୀ-କୋଣାର୍କ ରେଳପଥ ନିର୍ମାଣ ପାଇଁ ଚାଲିଛି ଜମି ଅଧିଗ୍ରହଣ

ପୁରୀ,୧୨/୪: ମାନ୍ୟବର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳ ଷ୍ଟେସନରେ ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର ତଦାରଖ କରିଛନ୍ତି । ଅମୃତ ଷ୍ଟେସନ ଯୋଜନା ଅଧୀନରେ ସମଗ୍ର ଓଡ଼ିଶାରେ ପ୍ରମୁଖ ରେଳ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ପାଇଁ ଭାରତୀୟ ରେଳର ପ୍ରତିବଦ୍ଧତାର ଏକ ଅଂଶ ଭାବେ ପୁରୀ ରେଳ ଷ୍ଟେସନର ପୁନର୍ବିକାଶର କାର୍ଯ୍ୟ ଅନ୍ତର୍ଭୁକ୍ତ । ନିରୀକ୍ଷଣ ସମୟରେ, ଶ୍ରୀ ବୈଷ୍ଣବ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ବିସ୍ତୃତ ସମୀକ୍ଷା କଲେ ଏବଂ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଓ ବାକି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅମୃତ ଷ୍ଟେସନ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଗୁଡିକ ଅଗ୍ରଗତି କରୁଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ପୁରୀ କୋଣାର୍କ ରେଳମାର୍ଗ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଅଗ୍ରଗତିରେ ଚାଲୁରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ରେଳମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ପୁନର୍ବିକାଶ ହେବା ପରେ ପୁରୀ ରେଳ ଷ୍ଟେସନ ଐତିହ୍ୟ ସୌନ୍ଦର୍ଯ୍ୟ ଏବଂ ଆଧୁନିକ ଯାତ୍ରୀ ସୁବିଧାର ମିଶ୍ରଣ ସହିତ ଏକ ବିଶ୍ୱସ୍ତରୀୟ ସୁବିଧା ଭାବରେ ଦଣ୍ଡାୟମାନ ହେବ । ଷ୍ଟେସନର ପୁନର୍ବିକାଶ ଆର୍ଥିକ ୨୦୨୧-୨୨ ବର୍ଷରେ ମଞ୍ଜୁର ହୋଇଥିବା ବେଳେ ସମନ୍ୱିତ ଷ୍ଟେସନ ପୁନଃବିକାଶ ଯୋଜନା ଅଧୀନରେକାର୍ଯ୍ୟ କରାଯାଉଅଛି ଯାହାର ପ୍ରକଳ୍ପ ମୂଲ୍ୟ ୧୭୭.୪ କୋଟିଟଙ୍କା ରହିଛି । ଅମୃତ ଷ୍ଟେସନ ଯୋଜନା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଏକ ପରିକଳ୍ପନା ଯେଉଁଥିରେ ଐତିହ୍ୟ, ସଂସ୍କୃତି ଓ ବିକାଶ ସ୍ଥାନପାଇଛି । ପୁରୀ ଷ୍ଟେସନ ବିକାଶ କ୍ଷେତ୍ରରେ ମଧ୍ୟ ଏଠିକାର ଐତିହ୍ୟ, ସଂସ୍କୃତି ସ୍ଥାନ ପାଇବ । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଖୋର୍ଦ୍ଧା ରୋଡର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଏହି ନିରୀକ୍ଷଣରେ ଯୋଗ ଦେଇଥିଲେ ।




ପୁନଃବିକଶିତ ପୁରୀ ଷ୍ଟେସନର ପ୍ରମୁଖ ଆକର୍ଷଣ ମଧ୍ୟ ରେ ସବୁଜ କୋଠା ଡିଜାଇନ୍ (ସ୍ୱର୍ଣ୍ଣ ମାନକ) ଯାହା ପ୍ରତି ଘଣ୍ଟା ୨୫୦ କିଲୋମିଟର ବେଗ ପର୍ଯ୍ୟନ୍ତ ପବନ ବେଗ ସହ୍ୟ କରିପାରିବ । ଷ୍ଟେସନ ଭବନ ଏବଂ କନକୋର୍ସ କ୍ଷେତ୍ର ୨୪,୧୮୫ ବର୍ଗ ମିଟର । ସର୍କୁଲେଟିଂ କ୍ଷେତ୍ର:୦ବର୍ଗ ମିଟର । ପ୍ଲାଟଫର୍ମ କ୍ଷେତ୍ର (୮ ପ୍ଲାଟଫର୍ମ): ୨୧,୬୦୦ବର୍ଗ ମିଟର । ଗଠନ ଭୂମି ୩ ମହଲା । ଯାତ୍ରୀ ସୁବିଧାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତହୋଇଛି ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍,ବ୍ୟାଗେଜ୍ ସ୍କାନର, ପର୍ଯ୍ୟଟକ ସୂଚନା ଏବଂ ବୁକିଂ କେନ୍ଦ୍ର ରହିଛି ।ଖାଦ୍ୟ କୋର୍ଟ, ଜନ ଆହାର ଏବଂ ଦୋକାନ,କେନ୍ଦ୍ରୀୟ ସିସିଟିଭି ମନିଟରିଂ,୪ ଏସ୍କାଲେଟର, ୪ ଯାତ୍ରୀ ଲିଫ୍ଟ, ଏବଂ ୧ ଷ୍ଟାଫ୍ ଲିଫ୍ଟ ରହିଛି । ୨୩ ଅବସର କୋଠରୀ ଏବଂ ୧୫୦ଶଯ୍ୟା ବିଶିଷ୍ଟ ଛାତ୍ରାବାସ,ଶଯ୍ୟା ବିଶିଷ୍ଟ ଟିଟିଇ ବିଶ୍ରାମ କୋଠରୀ,ଦେୟଯୁକ୍ତ ଲାଉଞ୍ଜ, ମାଗଣା ଅପେକ୍ଷା ଲାଉଞ୍ଜ, ଶିଶୁ ଖାଦ୍ୟ ଖାଇବା କୋଠରୀ, ଶିଶୁ ସହାୟତା ଡେସ୍କ ଏବଂ 'ମେ ଆଇ ହେଲ୍ପ ୟୁ' ବୁଥ୍, ଦିବ୍ୟାଙ୍ଗଜନ-ଅନୁକୂଳ ବୈଶିଷ୍ଟ୍ୟଗୁଡ଼ିକପ୍ରତିବନ୍ଧକ-ମୁକ୍ତ ପ୍ରବେଶ/ପ୍ରସ୍ଥାନ ରାମ୍ପ, ନିର୍ଦ୍ଦିଷ୍ଟ ପାର୍କିଂ,ନ ଖସିବା ପଦପଥ,ପ୍ରତ୍ୟେକ ପ୍ଲାଟଫର୍ମରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଶୌଚାଳୟ ଏବଂ ପାନୀୟ ଜଳ ଟ୍ୟାପ୍ ଉପଲବ୍ଧ ହେବ ।ନାଭିଗେସନ୍ ପାଇଁ ଉଚ୍ଚ-ଦୃଶ୍ୟତା ସାଇନେଜ୍ ବର୍ତ୍ତମାନ ପର୍ଯ୍ୟନ୍ତ, ନିର୍ମାଣ କାର୍ଯ୍ୟର ,୬୦% ସମାପ୍ତ ହୋଇଛି, ଯାହା ଏକ ଆଧୁନିକ, ସୁଗମ ଏବଂ ଯାତ୍ରୀ-ଅନୁକୂଳ ପୁରୀ ରେଳ ଷ୍ଟେସନର ଦୃଷ୍ଟିକୋଣକୁ ବାସ୍ତବତାର ନିକଟତର କରୁଛି ।

## କୋଡିଙ୍ଗା ମାଳିକୁ ନେଇ କଳି

### ଚାଲୁଛି ଶୋଭାଯାତ୍ରା, ବାଦ ପ୍ରତିବାଦ




ଲକ୍ଷ୍ମୀପୁର: କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରଠାରେ ଥିବା କୋଡିଙ୍ଗା ମାଳିକୁ ନେଇ ବ୍ୟକ୍ତିମାନଙ୍କ ପକ୍ଷରୁ କିଛି ଦିନ ହେଲା ବାଦ ପ୍ରତିବାଦ ଲାଗିରହିଛି। ଯାହାକୁ ନେଇ ଅଞ୍ଚଳରେ ବାତାବରଣ କିଛିଦିନ ହେଲା ସରଗରମ ହୋଇଉଠିଛି। ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ଜନତାଙ୍କଠାରୁ ଆରମ୍ଭ କରି ଯୁବ ଗୋଷ୍ଠୀମାନେ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ନିୟମିତ ଶୋଭାଯାତ୍ରା ଓ ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି କୋଡିଙ୍ଗା ମାଳିରୁ ଖଣି ଖନନ ହୋଇ ପୂର୍ବରୁ ୩ ମିଲିୟନ ଟନ୍‌ରୁ କଞ୍ଚାମାଲ ଏକ କମ୍ପାନୀକୁ ପ୍ରାୟ ୮୦ ପ୍ରତିଶତ ଦିଆଯାଉଥିଲା। ବର୍ତ୍ତମାନ ଖଣି ଖନନକୁ ଦ୍ୱିଗୁଣିତ କରାଯିବା ସହିତ ସମ୍ପୃକ୍ତ ବକ୍ସାଇଟରୁ ୨୦ ପ୍ରତିଶତ ଆନ୍ଧ୍ରପ୍ରଦେଶର ଏକ କମ୍ପାନୀକୁ ଦେବାପାଇଁ ସରକାର ସ୍ଥିର କରିଛନ୍ତି। ଏପରିକି ଏନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଯାହାକୁ ନେଇ ଏଠାରେ କିଛି ଦିନ ହେଲା ବାଦପ୍ରତିବାଦ ଶୋଭାଯାତ୍ରା ଲାଗି ରହିଛି। ଏପରିକି କୋଡିଙ୍ଗା ମାଳି କ୍ରିୟାନୁଷ୍ଠାନ କମିଟି ଏବଂ ସୁରକ୍ଷା ମଞ୍ଚ ନାମରେ ଦୁଇଟି ସଂଗଠନ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ଗରିଆଙ୍କ ନେତୃତ୍ୱରେ ଗୁରୁବାର ଏକ ଶୋଭାଯାତ୍ରା କରି ବାହାରି ବିଭିନ୍ନ ନାରାବାଜି କରି ସ୍ଥାନୀୟ ଓଏମସି କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ କହିବା କଥା ଯେଉଁ କମ୍ପାନୀ ଏଠାରୁ ବର୍ଷ ବର୍ଷ ଧରି କଞ୍ଚାମାଲ ନେଉଛି। ସେ ଅଞ୍ଚଳରେ ଯେପରି ଉନ୍ନୟନ କାର୍ଯ୍ୟ କରିବା କଥା କରୁନାହିଁ। ଏଠାରୁ ବକ୍ସାଇଟ୍ ନେଇ କମ୍ପାନୀ ତା'ର କାରଖାନା ଚଳାଉଥିବାବେଳେ କୋଡିଙ୍ଗା ମାଳି ଦ୍ୱାରା ପ୍ରଭାବିତ ଅଞ୍ଚଳର ଯୁବକ ଯୁବତୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି କରୁନାହିଁ, ଯେଉଁଥିପାଇଁ ଅଞ୍ଚଳରେ ବେକାରୀ ସମସ୍ୟା ଉପୁଜିଛି ବୋଲି ଦର୍ଶାଇବା ସହିତ ୮ ଦଫା ସମ୍ବଳିତ ଏକ ଦାବିପତ୍ର ଖଣି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏପରିକି ଅଞ୍ଚଳର ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରା ଯିବାପାଇଁ ଦାବି କରାଯାଇଛି। ଏହି ଶୋଭାଯାତ୍ରାରେ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ସାମିଲ୍ ହୋଇଥିଲେ। ଏନେଇ ସ୍ଥାନୀୟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅନ୍ୟ ପକ୍ଷରେ କିଛି ଦିନ ହେଲା ଭିନ୍ନ ଭିନ୍ନ କମ୍ପାନୀ କୁ ଭିନ୍ନ ଭିନ୍ନ ଯୁବ ଗୋଷ୍ଠୀ ଓ ନେତାମାନେ ସମର୍ଥନ କରି ଶୋଭାଯାତ୍ରା ଆଦି କିଛି ଦିନ ଅନ୍ତରରେ ବାହାରୁ ଥିବା ଦେଖିବାକୁ ମିଳୁଛି କହିବାକୁ ଗଲେ କୋଡିଙ୍ଗା ମାଳିକୁ ନେଇ କଳି ଲାଗି ରହିଥିବାବେଳେ ଏଠାରେ ଉଷ୍ମତା ଲାଗି ରହିଥିବାବେଳେ କେତେବେଳେ ଯେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ନହେବ ତାହା କହିହେବନାହିଁ।

## ଖୋଳ କରିଦେଲେ ଖେଳପଡ଼ିଆ ଅନୁଦାନ

### ଖର୍ଚ୍ଚ ୧୧.୪୨ କୋଟି, ଗୋଟିଏ ବି ନୁହେଁ ଖେଳ ଉପଯୋଗୀ

କୋରାପୁଟ,୧୨/୪: ମନରେଗା ଯୋଜନାରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ୍‌ରେ ନିର୍ମାଣ ହୋଇଛି ୨୧୩ ଖେଳପଡ଼ିଆ। କିନ୍ତୁ ନିମ୍ନମାନର କାମ ଲାଗି ଗୋଟିଏ ବି ପଡ଼ିଆ ଖେଳ ଉପଯୋଗୀ ହୋଇପାରୁନି। ଫଳରେ ସ୍କୁଲ୍ ପଡ଼ିଆ ଓ ସମତଳ ଜମିରେ କ୍ରୀଡ଼ା ଅଭ୍ୟାସ କରୁଛନ୍ତି କ୍ରୀଡ଼ାବିତ୍। ପଡ଼ିଆ ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଇଥିବା ବେଳେ ପାହାଡ଼ କାଟି ମାଟି ସମତଳ କରି ଅନୁଦାନକୁ ଖୋଳ କରି ଦେଇଛନ୍ତି ଠିକାଦାର। ଜିଲ୍ଲାର ୧୪ ବ୍ଲକ୍‌ର ୨୪୦ ପଞ୍ଚାୟତରେ ୧୮୮୭ଟି ଖେଳପଡ଼ିଆ ନିର୍ମାଣ ଲକ୍ଷ୍ୟ ରହିଛି। ଏଯାବତ୍ ୨୧୩ଟିର କାମ ସରିଛି। ୪୮୭ଟି ନିର୍ମାଣାଧୀନ ରହିଛି। ବିଭିନ୍ନ କାରଣରୁ ୧୧୮୭ ପଡ଼ିଆର ଭାଗ୍ୟ ଭୂଇଁରୁ ଉଠିପାରୁନି। ପଡ଼ିଆ ନିର୍ମାଣ ବାବଦରେ ଇତିମଧ୍ୟରେ ଖର୍ଚ୍ଚ ହୋଇଛି ୧୧ କୋଟି ୪୨ଲକ୍ଷ ଅନୁଦାନ। ଏତେ ପରିମାଣର ଅନୁଦାନ ଖର୍ଚ୍ଚ ସତ୍ତ୍ୱେ ପଡ଼ିଆ ଖେଳ ଉପଯୋଗୀ ହୋଇନପାରିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କ୍ରୀଡ଼ାବିତ୍। ସୂଚନା ଅନୁସାରେ, ଜିଲ୍ଲାର ବନ୍ଧୁଗାଁ ବ୍ଲକ୍‌ରେ ୮୮ଟି ପଡ଼ିଆ ନିର୍ମାଣ ଲକ୍ଷ୍ୟ ରହିଛି। ହେଲେ ସରିଛି ମାତ୍ର ୨ଟି। ସେହିପରି ବୈପାରୀଗୁଡ଼ା ବ୍ଲକ୍ ?ର ୧୦୬ରୁ ୧୨ଟି, ବୋରିଗୁମ୍ମା ବ୍ଲକ୍‌ର ୩୧୦ରୁ ୮୯ଟି, ଦଶମନ୍ତପୁର ବ୍ଲକ୍‌ର ୮୧ରୁ ୪ଟି, ଜୟପୁର ବ୍ଲକ୍‌ର ୨୦୯ରୁ ୨୬ଟି, କୋରାପୁଟ ବ୍ଲକ୍‌ର ୪୧ରୁ ଗୋଟିଏ, କୋଟପାଡ଼ ବ୍ଲକ୍‌ର ୨୯୬ରୁ ୩୮ଟି, କୁନ୍ଦୁରା ବ୍ଲକ୍‌ର ୧୪୪ରୁ ୧୧ଟି, ଲମତାପୁଟ ବ୍ଲକ୍‌ର ୧୬୨ରୁ ୧୦ଟି, ଲକ୍ଷ୍ମୀପୁର ବ୍ଲକ୍‌ର ୧୨୮ରୁ ୨ଟି, ନନ୍ଦପୁର ବ୍ଲକ୍ ?ର ୧୦୯ରୁ୯ଟି, ନାରାୟଣପାଟଣା ବ୍ଲକ୍‌ର ୭୪ରୁ ୨ଟି, ପଟାଙ୍ଗି ବ୍ଲକ୍‌ର ୧୧୪ରୁ ୫ଟି ଓ ସେମିଳିଗୁଡ଼ା ବ୍ଲକ୍‌ର ୨୫ଟିରୁ ୨ଟି ପଡ଼ିଆର ନିର୍ମାଣ ଶେଷ ହୋଇଛି। ନିର୍ମାଣାଧୀନ ୪୮୭ ପଡ଼ିଆରେ ମନରେଗା ଯୋଜନାରେ ମାଟି ସଜଡା ଚାଲିଥିବା ଦର୍ଶାଯାଇଛି। ଖେଳପଡ଼ିଆ ନିର୍ମାଣ ନାଁରେ କେବଳ ମାଟି ସଜାଡ଼ି ଠିକାଦାର ଛାଡ଼ି ଦେଉଥିବାରୁ ଗୋଟିଏ ବର୍ଷା ପରେ ପଡ଼ିଆ ଅବସ୍ଥା ବେହାଲ୍ ହୋଇ ପଡୁଛି। ମାଟି ଧୋଇଯିବା ପରେ ପଡ଼ିଆ ଖାଲଖମା ସହ ଲତାବୁଦାରେ ପରିପୂର୍ଣ୍ଣ ହୋଇ ରହୁଛି। କୋରାପୁଟ ବ୍ଲକ୍‌ର ବଡକେରେଙ୍ଗା, ବଡ଼ସୁକୁ, ଦେଓଘାଟି, ଡୁମୁରିପଦର, କେନ୍ଦାର, ଲଙ୍କାପୁଟ, ଲିଟିଗୁଡ଼ା, ମାନବାର, ମାଥାଲପୁଟ, ମରିଚମାଳ, ମହାଦେଇପୁଟ, ମସ୍ତିପୁଟ, ପଦ୍ମପୁର ଓ ଉମୁରି ପଞ୍ଚାୟତର ବହୁ କ୍ରୀଡ଼ାବିତ୍ ଭଲିବଲ୍, ଫୁଟବଲ୍ ଟୁର୍ନାମେଣ୍ଟ ଖେଳି ନାମ କମାଇଛନ୍ତି। ତେବେ ଖେଳପଡ଼ିଆ ସୁବିଧା ନଥିବାରୁ ସ୍କୁଲ୍ ଓ ଡଙ୍ଗର ପଡ଼ିଆରେ ଏମାନେ କ୍ରୀଡ଼ାଭ୍ୟାସ କରୁଛନ୍ତି। ଖେଳ ପଡ଼ିଆ ନିର୍ମାଣରେ ବଡ଼ଧରଣର ଦୁର୍ନୀତି ଅଭିଯୋଗ ପରେ ବୈଷୟିକ ଟିମ୍ ଦ୍ୱାରା ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର।

## ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ସିପେଟକୁ ଭବିଷ୍ୟ ଉନ୍ମୁଖୀ ହେବାକୁ ପଡ଼ିବ

ଭୁବନେଶ୍ୱର,୧୨/୪: କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସାର ଓ ରସାୟନ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ପେଟ୍ରୋରସାୟନ ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ସିପେଟ୍) ପରିଦର୍ଶନ କରିବା ସହିତ କେନ୍ଦ୍ରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ତାଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରସାୟନ ଏବଂ ପେଟ୍ରୋରସାୟନ ବିଭାଗ ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସିପେଟ ପରିସରରେ ଥିବା ପ୍ରୋସେସିଂ, ଟୁଲ୍ ରୁମ୍, ଗବେଷଣା ପରୀକ୍ଷାଗାର ଆଦି ସୁବିଧା ବୁଲି ଦେଖିବା ସହିତ ସେଠାକାର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଥିଲେ। ପେଟ୍ରୋରସାୟନ ଏବଂ ଆନୁସଙ୍ଗିକ କ୍ଷେତ୍ରରେ ନବୋନ୍ମେଷ, ଗବେଷଣା ଏବଂ ଶିଳ୍ପ ଅନୁକୂଳ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବାରେ ସିପେଟର ଭୂମିକାକୁ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ। ଶ୍ରୀ ନଡ୍ଡା କହିଥିଲେ, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ସିପେଟକୁ ଭବିଷ୍ୟ ଉନ୍ମୁଖୀ ହେବାକୁ ପଡ଼ିବ ଏବଂ ଆଗାମୀ ଆହ୍ୱାନଗୁଡ଼ିକର ସାମ୍ନା କରିବା ଓ ସେଗୁଡ଼ିକର ସମାଧାନ କରିବା ଲାଗି ପ୍ରସ୍ତୁତି କରିବାକୁ ହେବ। ଆବଶ୍ୟକତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ବିକଶିତ କରିବା ଲାଗି ଶିକ୍ଷା ଓ ଶିଳ୍ପ ସହିତ ସିପେଟ୍ ସମ୍ପର୍କ ସ୍ଥାପନ କରିବା ଉଚିତ୍ ବୋଲି ସେ କହିଥିଲେ। ଶିଳ୍ପରୁ ନିୟମିତ ମତାମତ ପାଇଁ ଏକ ବ୍ୟବସ୍ଥା ବିକଶିତ କରିବାକୁ ପଡିବ ଏବଂ ଭବିଷ୍ୟତର ଆହ୍ୱାନ ପାଇଁ ଅନୁଷ୍ଠାନକୁ ପ୍ରସ୍ତୁତ କରିବାକୁ ହେବ। ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ପ୍ରମୁଖ ଆବଶ୍ୟକତା ହେଉଛି, ଭବିଷ୍ୟତରେ ଦରକାର ହେଉଥିବା ଗୁଣାତ୍ମକ ମାନର



ପରିକଳ୍ପନା କରିବା ଏବଂ ନିରନ୍ତର ଉନ୍ନତିକରଣ ବ୍ୟବସ୍ଥା ଅନୁସରଣ କରିବା। ଅଭିନବ ପ୍ରଯୁକ୍ତିବିଦ୍ୟା ବିକଶିତ କରିବା ବ୍ୟତୀତ, ଗବେଷଣା କାର୍ଯ୍ୟକଳାପଗୁଡ଼ିକ ଜରିଆରେ ବିଭିନ୍ନ ସମୟରେ ଉପୁଜିଥିବା ସମସ୍ୟାର ତ୍ୱରିତ ସମାଧାନ ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ପରିବର୍ତ୍ତିତ ପରିବେଶ ଆଧାରରେ ପାଠ୍ୟକ୍ରମକୁ ନବୀକରଣ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ସିପେଟ୍ ଦ୍ୱାରା କରାଯାଉଥିବା କାର୍ଯ୍ୟ ବିଷୟରେ ଜ୍ଞାନ ବ୍ୟାପକ ଭାବେ ପ୍ରସାରିତ ହେବା ଆବଶ୍ୟକ, ଯାହାଦ୍ୱାରା ଅଧିକରୁ ଅଧିକ ଲୋକ ଏହାର ଲାଭ ଉଠାଇପାରିବେ ବୋଲି କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ସିପେଟ୍ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶାରେ ଅଧିକ ପୁଞ୍ଜି ନିବେଶ ଆକୃଷ୍ଟ କରିବା ପାଇଁ ପ୍ରୟାସ କରୁଛନ୍ତି ଏବଂ ଶିଳ୍ପର ବିକାଶ ଉପରେ ଧ୍ୟାନ ଦେଉଛନ୍ତି। ଓଡ଼ିଶାରେ ବିକଶିତ ହେଉଥିବା ରାସାୟନିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ଲାଗି ସିପେଟ୍ ଭବିଷ୍ୟତ ଲାଗି ପ୍ରସ୍ତୁତ କାର୍ଯ୍ୟବଳକୁ ଦକ୍ଷ କରିବା ଦିଗରେ ସକ୍ରିୟ ଭାବେ ଯୋଗଦାନ କରିବା ଉଚିତ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ